


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୩୫୫ ● ୨୩ ଜାନୁଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-355 ● 23rd January 2025, Thursday ● Bhubaneswar | Licensed to post without pre-payment of postage No- BN-60/25-27

# ୧୦ ପ୍ରସ୍ତାବକୁ କ୍ୟାବିନେଟ୍‌ର ଅନୁମୋଦନ



- ପ୍ରତି ପଞ୍ଚାୟତରେ ଖୋଲିବ ଆଦର୍ଶ ବିଦ୍ୟାଳୟ
- ୫ବର୍ଷରେ ଖର୍ଚ୍ଚ ହେବ ୧୨ହଜାର କୋଟି
- ଷୋଡଶ ଅର୍ଥ କମିଶନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ଲକ୍ଷ ୫୬ହଜାର ୧୪୮କୋଟି ଦାବି ସମ୍ବଳିତ ସ୍ମାରକପତ୍ର ଦିଆଯିବ
- ୫ ବର୍ଷ ଯାଏଁ କାର୍ଯ୍ୟକାରୀ ହେବ 'ବିକଶିତ ଗାଁ, ବିକଶିତ ଓଡ଼ିଶା'
- ଖୁବ୍‌ଶୀଘ୍ର ନିଯୁକ୍ତି ପାଇବେ ୫ହଜାର ଡାକ୍ତର

**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୋଟ୍ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଦୀର୍ଘ ଅଢେଇଘଣ୍ଟା ଧରି ଅନୁଷ୍ଠିତ ବୈଠକ ଶେଷରେ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କନ୍‌ଭେନ୍‌ସନ ସେଣ୍ଟର ଠାରେ ସାମ୍ବାଦିକମାନଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି। ପୂର୍ବ ସରକାରରେ ୫-ଟି ନାଁରେ ରୂପାନ୍ତରୀକରଣ କରି ସ୍ମାର୍ଟ ସ୍କୁଲ ଯୋଜନା ଠିକ୍ ନଥିଲା । ଡିପିଆର ପ୍ରସ୍ତୁତ ହୋଇ ନଥିଲା କି ଏଷ୍ଟିମେଟ୍ ହୋଇ ନଥିଲା । ପିଲାମାନଙ୍କ ଭବିଷ୍ୟତ ପ୍ରତି ଏହା ଧୋକ୍କା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରି କହିଥିଲେ ଏହି ଦୃଷ୍ଟିରୁ ନୂଆ ସରକାର ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଖୋଲିବା ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ୫ବର୍ଷ ପାଇଁ ଏହି ଯୋଜନା ଚାଲିବ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୧୪ଟି ପଞ୍ଚାୟତରେ ଏହା ଆରମ୍ଭ ହେବ । ପରବର୍ତ୍ତୀ ୪ ବର୍ଷରେ ଅନ୍ୟ ପଞ୍ଚାୟତଗୁଡ଼ିକରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ସରକାର ୧୨ ହଜାର କୋଟି ଟଙ୍କା ବ୍ୟୟ କରିବେ । ଏହାସହ ୨୦୨୮ ସୁଦ୍ଧା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଫେବୃୟାରୀ ୪ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଷୋଡ଼ଶ ଅର୍ଥ କମିଶନ ଓଡ଼ିଶା ଗସ୍ତ କରିବେ। ଏହି ଗସ୍ତ ଅବସରରେ କମିଶନଙ୍କୁ ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ବିଭିନ୍ନ ପ୍ରସ୍ତାବ ଓ ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଷୋଡଶ ଅର୍ଥ କମିଶନଙ୍କ କାର୍ଯ୍ୟକାଳ ୨୦୨୬ରୁ ୨୦୩୧ ମଧ୍ୟରେ ଏହି ଅର୍ଥ ରାଶି ଖର୍ଚ୍ଚ ହେବବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସମ୍ପର୍କିତ ପ୍ରସ୍ତାବ ଅନୁସାରେ ସେମିକଣ୍ଡକ୍ଟର ଉତ୍ପାଦନ କାରଖାନା ପ୍ରତିଷ୍ଠା ନିମନ୍ତେ ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ (ପୃଷ୍ଠା ୭ରେ)

# ମହାରାଷ୍ଟ୍ରରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା, ୧୦ ମୃତ



**ମୁମ୍ବାଇ, ୨୨/୧**

ମହାରାଷ୍ଟ୍ରର ଜଳଗାଁଓର ପରଣ୍ଡା ରେଳ ଷ୍ଟେସନରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ପୁଷ୍ପକ ଏକ୍ସପ୍ରେସର ଯାତ୍ରୀମାନଙ୍କ ଉପରେ କର୍ଣ୍ଣାଟକ ଏକ୍ସପ୍ରେସ ମାଡି ଯାଇଛି। ସୂଚନା ଅନୁଯାୟୀ ପୁଷ୍ପକ ଏକ୍ସପ୍ରେସରେ ନିଆଁ ଲାଗିଥିବା ଗୁଜବ ବ୍ୟାପିଥିଲା, ଯାହା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା ଏବଂ ସେମାନେ ଟ୍ରେନ୍‌ରୁ ଡେଇଁ ପଡ଼ିଥିଲେ। ସେହି ସମୟରେ, କର୍ଣ୍ଣାଟକ ଏକ୍ସପ୍ରେସ ବିପରୀତ ଦିଗରୁ ଆସୁଥିଲା। ତେଣୁ ପୁଷ୍ପକ ଏକ୍ସପ୍ରେସର ଅନେକ ଯାତ୍ରୀଙ୍କୁ କର୍ଣ୍ଣାଟକ ଏକ୍ସପ୍ରେସ ଧକ୍କା ଦେଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ରୁ ଅଧିକ ଲୋକେ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ଜଳଗାଁଓ ଠାରୁ ୨୦ କିଲୋମିଟର ଦୂରରେ ଘଟିଛି । ସୂଚନା ପାଇ ଜିଲ୍ଲା ପ୍ରଶାସନ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ପୁଷ୍ପକ ଏକ୍ସପ୍ରେସର ଅତି କମରେ ୧୦ ଜଣ ଯାତ୍ରୀ ବଗିରୁ ଡେଇଁ ପଡ଼ିଥିଲେ ଏବଂ ଅପର ପାର୍ଶ୍ୱରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ସହିତ ଧକ୍କା ହୋଇଥିଲେ। ପୁଷ୍ପକ ଏକ୍ସପ୍ରେସ ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିଲା। କୁହାଯାଉଛି ଯେ ଏହି ବଗିରେ ସ୍ପାର୍କ ହେବା ପରେ ପୁଷ୍ପକ ଏକ୍ସପ୍ରେସକୁ ଅଟକାଇ ଦିଆଯାଇଥିଲା। ଏହି ସମୟରେ, ଏକ ଗୁଜବ ବ୍ୟାପିଗଲା ଯେ ଟ୍ରେନ୍‌ରେ ନିଆଁ ଲାଗିଯିବାରୁ ତାକୁ ଅଟକାଯାଇଥିଲା। ଏହାପରେ ଲୋକମାନେ ଟ୍ରେନ୍‌ରୁ ଡେଇଁ ପଡ଼ି ଟ୍ରାକ୍ ଉପରକୁ ଚାଲି ଆସିଥିଲେ। ସେହି ସମୟରେ, ମନମାଡରୁ ଭୁସାଭଲ ଯାଉଥିବା କର୍ଣ୍ଣାଟକ ଏକ୍ସପ୍ରେସ ଅନ୍ୟ ଟ୍ରାକ ଦେଇ ଚାଲିଗଲା। ଏହି ଯାତ୍ରୀମାନଙ୍କୁ କର୍ଣ୍ଣାଟକ ଏକ୍ସପ୍ରେସ ଚାପି ଦେଇଥିଲା। ଏଥିରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ଏସିଏସ୍ ପାହ୍ୟାଙ୍କୁ ପଦୋନ୍ନତି ପାଇଲେ ହେମନ୍ତ ଶର୍ମା

**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**

ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଥିବା ୧୯୯୫ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ ଶର୍ମାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସର୍ବୋଚ୍ଚ ଗ୍ରେଡ୍‌କୁ ପଦୋନ୍ନତି ପରେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ଭାଲୁଡିଗି ଜଙ୍ଗଲରେ ଦୁଇ ଦିନରେ ୨୭ ମାଓବାଦୀ ନିହତ ଘଟଣା

# ମାଓ ଅପରେସନ୍ ନେଇ ସୂଚନା ଦେଲେ ପୋଲିସ ଡିଜି

**ନୂଆପଡ଼ା, ୨୨/୦୧**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ନୂଆପଡା ସୀମାନ୍ତ ଓ ପଡ଼ୋଶୀ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲା କୁଲହରିଘାଟରେ ଚାଲିଥିବା ମାଓ ବିରୋଧୀ ଅପରେସନରେ ୩ ଦିନରେ ନିପାତ ହେଲେଣି ୨୦ରୁ ଅଧିକ ନକ୍ସଲ । ଯା ଭିତରେ ଯବାନଙ୍କ ମନୋବଳ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ କରିଛନ୍ତି ବଡ଼ ଘୋଷଣା । ଯବାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ୮ରୁ୨୫ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ (ପୃଷ୍ଠା ୭ରେ)

# ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି ୧୫୭ ପୁରୁଷ

**ଭୁବନେଶ୍ୱର, ୨୨/୦୧**
**ନ୍ୟୁଜ ବ୍ୟୁରୋ**

ସୁଭଦ୍ରା ଯୋଜନାରେ ଆସିଲା ସାଙ୍ଘାତିକ ତଥ୍ୟ। ମହିଳାଙ୍କ ପାଇଁ ହୋଇଥିବା ଯୋଜନାରେ ଆବେଦନ କରିଛନ୍ତି ପୁରୁଷ। ସର୍ଟିଂ ବେଳେ ଜଣାପଡିଲା ସତ। ରାଜ୍ୟରେ ୧୫୭ ଜଣ ପୁରୁଷ ସୁଭଦ୍ରାରେ ଆବେଦନ କରିଛନ୍ତି। ଆଧାର କାର୍ଡର ବ୍ୟାଙ୍କ୍ ଲିଙ୍କ୍ ଡାଟା ଆସିବା ପରେ ଏହା ଜଣାପଡ଼ିଛି। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଭୁଲବଶତଃ ସେମାନେ ଆବେଦନ କରିଥାଇପାରନ୍ତି, ଯୋଜନାରେ ଆବେଦନ କରିଥିବା ସମସ୍ତ ପୁରୁଷଙ୍କୁ ବାଦ୍ ଦିଆଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ରାଜ୍ୟ ସରକାର। ହେଲେ ଏହି ଯୋଜନାରେ ପୁରୁଷ ଆବେଦନ କରୁଥିବା ଖବର ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ମହିଳାମାନେ (ପୃଷ୍ଠା ୭ରେ)

# ଉତ୍କର୍ଷ ଓଡ଼ିଶା କନକ୍ଲେଭ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ




**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୮ ଓ ୨୯ ତାରିଖ ୨ଦିନ ଧରି ଭୁବନେଶ୍ୱର ଜନତା ମଇଦାନ ଠାରେ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା' କନକ୍ଲେଭ ଆୟୋଜିତ ହେଉଛି । ଏହି କନ୍‌କ୍ଲେଭରେ ଦେଶ ବିଦେଶରୁ ୫ହଜାରରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କନକ୍ଲେଭକୁ ୨୮ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିବେ । ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ମେଗା କାର୍ଯ୍ୟକ୍ରମ ହିସାବରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ଆୟୋଜନ ହେଉଥିବା ସମ୍ପର୍କରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୧୨ଟି ରାଷ୍ଟ୍ରର ପୁଞ୍ଜିନିବେଶକଙ୍କ ସମେତ ଫର୍ଚ୍ୟୁନ୍ ତାଲିକାରେ ସାମିଲ ୧୦୦ କମ୍ପାନୀର ପ୍ରତିନିଧି ମଧ୍ୟ ଏହି କନକ୍ଲେଭରେ ସାମିଲ ହେବେ । ଏହି ଦୁଇଦିନିଆ ସମ୍ମିଳନୀ ଆନୁଷ୍ଠାନିକ ଭାବେ (ପୃଷ୍ଠା ୭ରେ)

# ଯବାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ୨୫ ହଜାରକୁ ବୃଦ୍ଧି

**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ କୁଲହରିଘାଟ ଅଞ୍ଚଳରେ ସୁରକ୍ଷାବାହିନୀଙ୍କ ମିଳିତ ଅଭିଯାନ ଦ୍ୱାରା ୧୪ ମାଓବାଦୀ ନିହତ ହୋଇଛନ୍ତି। ଏହି ଅଭିଯାନରେ ଓଡ଼ିଶା ପୁଲିସର ଏସ୍‌ଓଜି ଯବାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଥିପାଇଁ ସମସ୍ତ ଯବାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଯବାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ୮ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ନକ୍ସଲ ବିରୋଧୀ ଅଭିଯାନ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ ଜରିଆରେ ଅବଗତ କରାଇଛନ୍ତି।

## ଏକାଳ ପଖାଳ



ପୁରୁଷ ଭାବନ୍ତି ନେବେ
ସୁଭଦ୍ରା ଯୋଜନା ଟଙ୍କା
ସେପଟେ ଥିଲାବାଲା ଚାକିରିଆ
ରାସନ ଚାଉଳ ରଙ୍କା
କଥାଟା ଯେ ପୂରା ଚୋଖା
ଦେଖିବା କେତେ ଧରା ପଡୁଛନ୍ତି
କଥା କେମିତିକା ପକ୍କା

# ଏବେ ମଣିଷ ନୁହେଁ, ରୋବଟ୍ ଲଢିବ ଯୁଦ୍ଧ



**ନୂଆଦିଲ୍ଲୀ, ୨୨/୧**

ଇରାନ ନିଜର ସେନା ଓ ଯୁଦ୍ଧ ପ୍ରଣାଳୀଙ୍କୁ ମଜଭୁତ୍ କରିବାକୁ ପ୍ରୟାସ ଆରମ୍ଭ କରି ଦେଇଛି । ଏଥିପାଇଁ ସେ ଏବେ ଫାଇଟର ରୋବଟର ସାହାରା ନେଇଛି। ଶତ୍ରୁ ଦେଶ ସହ ରୋବଟ ସହ ଲଢିବାକୁ ପ୍ରସ୍ତୁତି ଚଳାଇଛି। ଆମେରିକାରେ ଟ୍ରମ୍ପ ସରକାରର ଆରମ୍ଭ ଓ ଇସ୍ରାଏଲ ସହ ବିବାଦୀୟ ସ୍ଥିତି ମଧ୍ୟରେ, ଇରାନର ସେନା ଯୁଦ୍ଧରେ ରୋବଟ ସୈନିକଙ୍କ ସାହାଯ୍ୟ ନେବାକୁ ନିଷ୍ପତ୍ତି ନେଇଛି। ଇରାନୀ ସେନାର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ କହିବା ଅନୁସାରେ, ସେନା ଫାଇଟର ରୋବଟର ପରୀକ୍ଷଣ କରୁଛି ଏବଂ ଏହାର ଅନେକ ନୂଆ ମଡେଲ ବିକଶିତ କରିବାକୁ ଯାଉଛି। ଇରାନୀ ଖବରକାଗଜ, 'ତେହରାନ ଟାଇମ୍ସ'ର ଏକ ରିପୋର୍ଟରେ କୁହାଯାଇଛି କି, ଇରାନୀ ସେନା ଦୁଇ ମାସ ପୂର୍ବେ ରୋବଟ ଯୋଦ୍ଧାଙ୍କୁ ନିଜର ଯୁଦ୍ଧ ଅଭ୍ୟାସରେ ସାମିଲ କରିବା ଆରମ୍ଭ କରି ଦେଇଛି। ହେଲେ ଉଚ୍ଚପଦସ୍ଥ ସୈନ୍ୟ ଅଧିକାରୀ ରୋବଟ୍ ପରୀକ୍ଷଣ ବା (ପୃଷ୍ଠା ୭ରେ)



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜାନୁଆରୀ ୨୦୨୫ ଗୁରୁବାର





# ରାସ୍ତା କାମ ନିମ୍ନମାନର ଅଭିଯୋଗ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଠାରୁ ସନଚେରଗାଁ ରାସ୍ତା କାମ ନିମ୍ନମାନର କାମ ହେଉଥିବା ଗ୍ରାମବାସୀଙ୍କ ଅଭିଯୋଗ ହେଉଛି । ଏହି ରାସ୍ତା କାମଟି ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେଉଥିବା ବେଳେ ତାର ଅଟକଳ ପରିମାଣ କୋଣସି ସୂଚନା ଫଳକରେ ଦର୍ଶାଯାଇନାହିଁ । କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ସମ୍ପାଦନ ହେଉଥିବାରୁ ନିମ୍ନମାନର କାମ କରାଯାଇଥିବା ଗ୍ରାମବାସୀ



ଅଭିଯୋଗ କରିଛନ୍ତି । ଏପଟେ କାମ ଚାଲୁଛି ସେପଟେ ପିଚୁ ସ୍ତର ସ୍ତର ହୋଇ ଉଠି ଯାଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ନିମ୍ନମାନର କାମ ଉପରେ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବା ପାଇଁ ସାନଚେରଗାଁ ଗ୍ରାମର ରଞ୍ଜିତ ନିଆଲ, ପୂର୍ଣ୍ଣ ନାଗ, ଜଗଦିଶ ବାଗ, ଅଲ ନାଗ, ନନ୍ଦ ନାଗ, ପଦୁ ନାଗ, ଭୂଷଣ୍ଡ ନାଗ, ନାରାୟଣ ସାହୁ, ଜୟରାମ ମାଝୀ, ନାରାୟଣ ପ୍ରଧାନୀ, କୌତୁକ ହଂସ, ମଧୁସୂଦନ ବାଗ ପ୍ରମୁଖ ଦାବି କରିଛନ୍ତି ।

## ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ଓ ଜାତୀୟ ପୁରସ୍କାର ନେଇ ତାଲିମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ଓ ପଞ୍ଚାୟତ ପୁରସ୍କାର ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ପରାମର୍ଶଦାତା ମନୋଜ କୁମାର ସ୍ୱାଇଁ, ସୁକନ୍ୟା ସ୍ୱାଇଁ, ମନମୋହନୀ ମହାନ୍ତି, ଅବ୍‌ଦୁଲ୍ ଖାନ୍ ପ୍ରମୁଖ ଏହି ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିଲେ । ୨୦୨୪ –୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ତଥା ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ ଆବଶ୍ୟକୀୟ ସୂଚନା ଓ ଆବେଦନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଜୀବିକା ମିଶନ ଶକ୍ତି, ଗ୍ରାମ ପଞ୍ଚାୟତ ଅଧିକାରୀ, ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ, କମ୍ପ୍ୟୁଟର ପୋଗ୍ରାମର, ଏମ୍‌ଆଇ ପ୍ରମୁଖ ତାଲିମ୍ ଗ୍ରହଣ କରିଥିଲେ ।



## ଖଲ୍ଲିକୋଟ ବ୍ଲକ ନୂତନ ସି.ଆର୍.ସି.ସି.ଙ୍କ କର୍ମକର୍ତ୍ତା ଚୟନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକରେ କାର୍ଯ୍ୟରତ ସିଆରସିସିଙ୍କ ମଧ୍ୟରୁ ନୂତନ ଭାବେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ରୀତିରେ ସମ୍ପାଦିତ ହୋଇଛି । ସର୍ବମୋଟ୍ ଷୋହଳଟି କ୍ଲଷ୍ଟରର ସି.ଆର୍.ସି.ସି.ଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଉକ୍ତ ମନୋନୟନ କାର୍ଯ୍ୟ ସମାହିତ ହୋଇଛି । ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, କୋଷାଧକ୍ଷ ଭାବେ ଲିପନ ପଣ୍ଡାଙ୍କୁ ମନୋନୀତ କରାଯାଇଛି । ନୂତନ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଆଲୋଚନା ଚକ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଦୁଇଗୋଟି ସେମିନାର୍ ପୃଥକ ଭାବେ ଅଧକ୍ଷ ପ୍ରଫେସର୍ ରିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଭାରତରେ ଗଣତନ୍ତ୍ର: ସମ୍ଭାବନା ଓ ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ରରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ରାଜନୀତି ବିଜ୍ଞାନୀ ତଥା ରାଜନୈତିକ ସମୀକ୍ଷକ ଓ ଗବେଷକ ପ୍ରଫେସର୍ ଡ଼ ପ୍ରକାଶ ଚନ୍ଦ୍ର ଷଡଙ୍ଗୀ ବିଷୟ ବିଶାରଦ ଭାବେ ଯୋଗଦେଇ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅଧକ୍ଷ ପ୍ରଫେସର୍ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ଼ ମମତା ସାହୁ ଓ ଶୈକ୍ଷିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ ପ୍ରସଙ୍ଗ ଉପରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ପ୍ରତାପ ମହାନନ୍ଦା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ଓ ବିଭାଗୀୟ ଅଧାପିକା ଗାୟତ୍ରୀ ନାୟକ ଓ ଅଧାପକ ରାମଚନ୍ଦ୍ର ସୁଆର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ସେହିପରି ଅର୍ଥନୀତି ବିଭାଗ ତରଫରୁ ଆୟୋଜିତ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଅର୍ଥନୀତି ଦିଗ ଶୀର୍ଷକ ଆଲୋଚନା ଚକ୍ରରେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡିର ଅର୍ଥନୀତି ବିଭାଗର ମୁଖ୍ୟ ଡ଼ ପ୍ରିୟବ୍ରତ ଶତପଥୀ ବିଷୟ ବିଶାରଦଭାବେ ଯୋଗ ଦେଇଥିଲେ । ଅଧକ୍ଷ ପ୍ରଫେସର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଶୁଶ୍ରୀ ଶ୍ରଦ୍ଧାଞ୍ଜଳୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ବୀଣାପାଣି ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାର୍ବଜନୀନ ସେବା ବିତରଣ ଓ ନାଗରିକ ସନନ୍ଦ ସମ୍ବନ୍ଧୀୟ ତାଲିମ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାର୍ବଜନୀନ ସେବା ବିତରଣ ଓ ନାଗରିକ ସନନ୍ଦ ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ ପଞ୍ଚାୟତ ରାଜ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲଳିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜନ ସାଧାରଣଙ୍କ ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକର ସଫଳ ରୂପାୟନ କରିବା ଦିଗରେ ସରକାରୀ କର୍ମଚାରୀମାନେ ଗୁରୁତ୍ୱ ଦେବା ସହ ତାହାହିଁ ସେମାନଙ୍କର ମୁଖ୍ୟ କାର୍ଯ୍ୟ ବୋଲି ଜିଲ୍ଲା ପରିଷଦ ଅଧକ୍ଷା ବକ୍ତବ୍ୟ ରଖିଥିଲେ । ଏହା ସହ ନିଷ୍ଠାପର ଭାବେ ଦାୟିତ୍ୱ ନିର୍ବାହ କରିବା ଓ ସେଥିପାଇଁ ଉତ୍ତରଦାୟୀ ରହିବା ସହ କର୍ତ୍ତବ୍ୟନିଷ୍ଠା ବଜାୟ ରଖିବା ପ୍ରତି ଧ୍ୟାନ ଦେବା ଉଚିତ୍ । ନ୍ୟାୟ ପରାୟଣ ଭାବେ ତଥା ନିରପେକ୍ଷ ଭାବେ କାର୍ଯ୍ୟ କରିବା ସହ ଏଥିପାଇଁ ଥିବା ସରକାରୀ ନିୟମାବଳୀକୁ ପାଳନ କରିବା ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା । ପରାମର୍ଶଦାତା ଭାବରେ ମନୋଜ କୁମାର ସ୍ୱାଇଁ, କାର୍ଯ୍ୟକ୍ରମ ପ୍ରବନ୍ଧକ ଅବ୍‌ଦୁଲ୍ ରହେମାନ୍ ଖାନ୍, ସୁକନ୍ୟା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

## ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନ ଓ କଣ୍ଢେଇ ମେଳା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଏକ ବିଜ୍ଞାନମେଳା ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରତ୍ନାକର ସେଠୀ ସିଆର୍‌ସିସି ସନ୍ତୋଷ ପୁର କ୍ଲଷ୍ଟର, ବାପୁଜୀ କୁମାର ଦାଶ ବିଜ୍ଞାନ ଶିକ୍ଷକ, ରତ୍ନେଶ୍ୱର ବିଦ୍ୟା ପୀଠ, ବି ନୁଆଁପଲି ମୁଖ୍ୟ ବିଚାରପତି ଉପସ୍ଥିତ ରହି ମାର୍ଗ ଦର୍ଶନ ଦେଇଥିବା ସମସ୍ତ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିଥିଲେ । ଏଥିରେ ସର୍ବ ମୋଟ୍ ୫୦ ଗୋଟି ବିଜ୍ଞାନ ପ୍ରକଳ୍ପ ଓ ୨୦ ଗୋଟି କଣ୍ଢେଇ ପ୍ରତିଯୋଗୀ ଭାଗ ନେଇ ସାମିଲ୍ ହୋଇଥିଲେ । ସ୍ଥାନିତ ପ୍ରକଳ୍ପ ଗୁଡିକ ମଧ୍ୟରେ ରୋଡ଼ ଦୁର୍ଘଟଣା ସଂକେତ, ଜ୍ୱାଳାମୁଖି, ସୌର ପରିବାର, ଅମ୍ଳଜାନର ଆବଶ୍ୟକତା, ପବନ ଚକ୍ର, ଜଳ ଚକ୍ର, ଇତ୍ୟାଦି ଆଧୁନିକ ଲାଇଟ୍ ସଂଯୋଗ କରି ସୁନ୍ଦର ଭାବେ ପ୍ରକଳ୍ପ ଗୁଡିକ ଚିତାକର୍ଷକ ହୋଇଥିଲା । ସବୁଠୁ ଆକର୍ଷଣ ଥିଲା ସୌର ପରିବାର । ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ ଓ ସଞ୍ଜୟ କୁମାର ବେହେରା, ମିନାକ୍ଷୀ ପଳାଇ, ମୋନାଲିସା ଗୌଡ଼, ଇନ୍ଦିରା ରେଡ୍ଡୀ, ନିହାରିକା ସ୍ୱାଇଁ, ପିଙ୍କି ଜେନା, ଜ୍ୟୋତି ବେହେରା ବିନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



## ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷାଦାନର ନମୁନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଅଷ୍ଟମ ମାସିକ ବୈଠକ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ପ୍ରଧାନ ଶିକ୍ଷକ ହାରାଧନ ବେରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସହଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଭାବେ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ଯୋଗଦେଇ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷାଦାନର ନମୁନା ମାସିକ ପାଠ ଯୋଜନା ବିଷୟରେ ଆଲୋଚନା କରିଥିଲେ । ଧାତୁକିପାଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହାରାଧନ ରଣା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉପରେ ଆଲୋଚନା କରିଥିବା ବେଳେ ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ମହାନନ୍ଦ ଶିକ୍ଷା ସୋପାନ ରେଜିଷ୍ଟର ପୁରଣ କୌଶଳ ବିଷୟରେ ଆଲୋଚନା କରିଥିଲେ । ସୁଲେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଲ୍ଲିକା ନାଗ ସ୍ଥାନୀୟ ବିଦ୍ୟାଳୟର ବିଭିନ୍ନ ଅଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ଗଜବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନସୀ ନାଗ ବିଦ୍ୟାଳୟ କାର୍ଯ୍ୟକ୍ରମରେ କମ୍ପ୍ୟୁଟର ଟାବ୍‌ଲେଟ୍‌ର ବ୍ୟବହାର ଉପରେ ଆଲୋଚନା କରିଥିଲେ । କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତୁଳସୀରାମ ଭୋଇ ଛାତ୍ରଛାତ୍ରୀଙ୍କ ଦକ୍ଷତାର ଟ୍ରାକର ପୂରଣ କରିବା ପଦ୍ଧତି ଉପରେ ଆଲୋଚନା କରିଥିବା ବେଳେ କାଇସ କନ୍ଧା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚୁମକି ବିଶି ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା କରିଥିଲେ । ପଣ୍ଡରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୁଶ ପୁଟେଲ ଶୈକ୍ଷିକ କ୍ୟାଲେଣ୍ଡର ଉପରେ ଆଲୋଚନା କରିଥିବା ବେଳେ ପ୍ରଧାନ ଶିକ୍ଷକ ନନ୍ଦକିଶୋର ବିଶି ନିପୁଣ ଓଡ଼ିଶା ମେଳା ଉପରେ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିତା କୁଅଁର ମୌଳିକ ଭାଷା ଶିକ୍ଷାଦାନର ଶ୍ରେଣୀ ପରିଚାଳନା କୌଶଳ ପ୍ରଦର୍ଶନ କରିଥିବା ବେଳେ ଶିକ୍ଷୟିତ୍ରୀ ଲଳିତା ଭୁଏ ମୌଳିକ ସଂଖ୍ୟାଜ୍ଞାନ ଶିକ୍ଷଣର ପ୍ରଦର୍ଶନ କରିଥିଲେ । ଶିକ୍ଷକ କୈଳାଶଚନ୍ଦ୍ର ରଣା, ରଘୁନାଥ ବାଘ, ସଞ୍ଜୟ ଭୋଇ, ପ୍ରଶାନ୍ତଜ୍ୟୋତି ପ୍ରଧାନ, ବିକାଶ ନାଗ, ଦିନେଶ ନାଏକ, ଗୋବିନ୍ଦ ସାହୁ, ଶିକ୍ଷୟିତ୍ରୀ ବର୍ଷାରାଣୀ ମଲ୍ଲିକ ଓ ପାଚିକା ସହାୟିକାମାନେ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ଦିବାକର ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏପ୍ରିଲ୍ ୧୪ରୁ ବାରିପଦାରେ ଗଣପର୍ବ ବଳାଙ୍ଗୀ ମହୋତ୍ସବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ୨୩ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୫ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜ୍‌ଭୁତ୍ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୭ରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ୍ କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ମହୁଲିଆ ପ୍ରେମ ବାଟିକା ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ତଥା




ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବଳାଙ୍ଗୀ ମହୋତ୍ସବର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ବିୟୋଗ ଘଟିଥିବାରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ପୂର୍ବତନ ବିଧାୟକ ରାଜକିଶୋର ଦାସ, ମେଳା କମିଟିର ଅଧକ୍ଷ ଓକିଲ ଅରବିନ୍ଦ ଦାସ, ଉପାଧକ୍ଷ ରାଜୀବ ଲୋଚନ ସେନାପତି, ଉପସଭାପତି ରଜତ କୁମାର ପଣ୍ଡା, ପଣ୍ଡିତ ଭାଗବତ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧକ୍ଷ ଓକିଲ ଲିଙ୍ଗରାଜ ମିଶ୍ର, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ରାକେଶ ସିଂ, ଯୋଗେଶ ଅଗ୍ରୱାଲା, ପ୍ରାଧାପକ ସୁନୀଲ ଜେନା, ବଳାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ନିରୋଜ କୁମାର ପୋଥାଳ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ବଳାଙ୍ଗୀ ମହୋତ୍ସବ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବେତନଟି ପଦ୍ମମାଳି ମହିଳା ସଂଗଠନର ପ୍ରଭାତି ମହାନ୍ତି, ଝାରପୋଖରୀଆର କ୍ଷୀରୋଦ ଚନ୍ଦ୍ର ଦାସ, କପ୍ତିପଦାର ଇନ୍ଦୁମତି ମହାନ୍ତି, ଦେଉଳିର ଗୋପାଳ ଚନ୍ଦ୍ର ଦାସ, ଚିତ୍ରଡାର ଅଜୟ କୁମାର ପାଳ, ପାଟୁଳିପୁରାର ରମାକାନ୍ତ ମହାନ୍ତ, ଗଣ ମାଧ୍ୟମ ପ୍ରତିନିଧି, ଦୋଳ ଗୋବିନ୍ଦ ବାରିକ, ରଞ୍ଜନ କୁମାର ଦାଶ, ନୀଳାଦ୍ରି ବିହାରୀ ଦଣ୍ଡପାଟ ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିବା ବେଳେ କୃତି ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟାମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିବା ବେଳେ, ସଦସ୍ୟ ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ରମାକାନ୍ତ ରାଉତ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ସନାତନ ସିଂ, କୁନୁ ସିଂ, ଅଭିନବ ନନ୍ଦ ପ୍ରମୁଖ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ।

## ଶ୍ରାଦ୍ଧୋତ୍ସବରେ ବକ୍ତାଙ୍କ ମତ

## ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଥିଲେ ନିଃସ୍ୱାର୍ଥ ସେବାର ପ୍ରତୀକ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସର୍ବଭାରତୀୟ ସେବା ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୨ତମ ଶ୍ରାଦ୍ଧୋତ୍ସବ ଓ ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁ ସଦନ ସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ନିସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ପ୍ରତିକ ଭାବେ ଅଭିହିତ କରି ପରାଧୀନ ଭାରତରେ ଇଂରେଜ ଶାସନ କାଳରେ ଲକ୍ଷ୍ମୀନାରାୟଣ ସାହୁ ସେବା କ୍ଷେତ୍ରରେ ଓଡ଼ିଶା ଭୂଖଣ୍ଡର ଆଖି ଖୋଲିଥିଲେ ବୋଲି ପ୍ରକାଶ କରିଥିଲେ । କଟକ ମହାନଗର ନିଗମ ମେୟର ସୁବାସ




ସିଂ ଓ ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏଥିରେ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର କେନ୍ଦ୍ର ପରିଚାଳିତ ଶିଶୁ ସଦନରେ ଅସହାୟ ଶିଶୁ ମାନଙ୍କୁ ନିରନ୍ତର ନିଃସ୍ୱାର୍ଥ ସେବା ପ୍ରଦାନରେ ଏହାର ମୁଖ୍ୟ ଦାମୋଦର ସାହୁଙ୍କ ଦୀର୍ଘ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସ୍ୱର୍ଣ୍ଣ ଶଂଖ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ ଓ ଶିଶୁରୋଗ ବିଶେଷଜ୍ଞ ଡା. ଏସ୍.ଏନ୍. ପରିଡ଼ାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାରାଦିନ ବ୍ୟାପି ଅନୁଷ୍ଠିତ ଆନ୍ତଃବିଦ୍ୟାଳୟ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧ ସଂଗୀତ, ହସ୍ତକଳା ଆଦି ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ । ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ ଏବଂ ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପ୍ରୋଗ୍ରାମ ମ୍ୟାନେଜର ପ୍ରିତିକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ପ୍ରଭାତରେ ଆୟୋଜିତ ଶିଶୁ ସମାରୋହର ଉଦ୍‌ଘାଟନ କରିଥିଲେ । ମଧ୍ୟାହ୍ନରେ କେନ୍ଦ୍ରର ମୁଖ୍ୟ ଦାମୋଦର ସାହୁ ଶତାଧିକ ଦୂରାରୋଗୀ ଓ ନିସହାୟ ମାନଙ୍କୁ ପୂଜାର୍ଚ୍ଚନା ସହିତ ଅନ୍ନ ଓ ବସ୍ତ୍ର ବଣ୍ଟନ କରିଥିଲେ । ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ସାହିତ୍ୟିକା ପ୍ରଫେସର ସୁଲୋଚନା ଦାସ, ଲକ୍ଷ୍ମୀନାରାୟଣ ସ୍ମୃତି କମିଟି ସଭାପତି ବିଜୟାନନ୍ଦ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲକ୍ଷ୍ମୀନାରାୟଣଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ସଦନର ପିଲା ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଚାଳକ ସୀମନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ ।

## ଅଷ୍ଟମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ହିଆଲ କ୍ଲଷ୍ଟରର ପ୍ରାଥମିକ ବିଦ୍ୟାଳୟ ନାଏକ ପଡାଠାରେ ଅଷ୍ଟମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ହିଆଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମରେନ୍ଦ୍ର କୁମାର ବାଗ, ବ୍ରଜମୋହନ ମିଶ୍ର ପ୍ରଧାନ ଶିକ୍ଷକ କରଲାବାହାଲି ଯୋଗଦେଇଥିଲେ । ଏହି ତାଲିମରେ ଅମରେନ୍ଦ୍ର ବାଗ, ଅଭିନାଶ ମହାଲିଙ୍ଗ ଓ ଖଗେଶ୍ୱର ଦଣ୍ଡସେନା ଶିକ୍ଷକ ମାନଙ୍କୁ ତାଲିମୟ ପ୍ରଦାନ କରିଥିଲେ । ଏହି ଏକ ଦିବସୀୟ ତାଲିମ୍ କେନ୍ଦ୍ରରେ ହିଆଲ କ୍ଲଷ୍ଟର ସମସ୍ତ ପ୍ରଧାନ ଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ, ମିନାକ୍ଷୀ ପାଣ୍ଡେ, ବିଜୟ ତାଣ୍ଡି, ସତ୍ୟନାରାୟଣ ଧରୁଆ, ନଳିନୀ ସାହୁ, ମମତା ପୁରୋହିତ, କୃଷ୍ଣଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ଧରୁଆ, ବଇଜୟନ୍ତୀ ପାଢ଼ି, ଭି କୃଷ୍ଣା କୁମାରୀ, ମମତା ପଣ୍ଡା, ମମତା ଯୋଶୀ, ସୁନୀଲ ସେଠ, ଅନୀଲ ମେହେର, ଅଭିନାଶ ମହାଲିଙ୍ଗ, ସୌରଭ ବେହେରା, ଚୁଡାମଣି ବେହେରା, ଆମରକାନ୍ତ ବେହେରା ଉପସ୍ଥିତ ଥିଲେ ।

## ତୁରେକେଲା ବ୍ଲକରେ ମାଣ୍ଡିଆ କ୍ରୟ କେନ୍ଦ୍ର ଉଦ୍‌ଘାଟିତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକ୍‌ର ବଡ଼ଡକଲା ଓ ତୁରେକେଲା ଠାର ଶ୍ରୀ ଅନ୍ନ ଭାବେ ପରିଚିତ ମାଣ୍ଡିଆ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଚାଷୀମାନଙ୍କର ଉତ୍ପାଦିତ ଶ୍ରୀ ଅନ୍ନ ଭାବେ ପରିଚିତ ମାଣ୍ଡିଆକୁ ଚାଷୀବନ୍ଧୁ ଏଗ୍ରିକଲ୍‌ଚର୍ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ ଓ ବିକଳ୍ପ କଣ୍ଟାବାଞ୍ଜି ତରଫରୁ ୨୦୨୪-୨୦୨୫ ବର୍ଷର ମାଣ୍ଡିଆ କ୍ରୟ କେନ୍ଦ୍ର ଦ୍ୱାରା କିଣିବା ଆରମ୍ଭ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରତିନିଧି ପୁରନ୍ଦର ବାଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ (ଶ୍ରୀ ଅନ୍ନ) ମାଣ୍ଡିଆ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କିଭଳି ଭାବରେ ପ୍ରଭାବ ପକାଉଛି ତଥା ଦେହର ହିତ ପାଇଁ ନିହାତି ଆବଶ୍ୟକ ଓ ଏହାର ବିଭିନ୍ନ ପୌଷ୍ଟିକ ଗୁଣ ଉପରେ ଆଲୋକପାତ କରିବା ସହିତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ଦର ଉପରେ ବିଷଦ ଆଲୋଚନା କରିଥିଲେ । ଆଗାମି ଦିନରେ ବିପୁଳ ପରିମାଣରେ ମାଣ୍ଡିଆ ଚାଷ କରିବାପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ କଟା, ହରିଶ୍ଚନ୍ଦ୍ର ସାହୁ ଯୋଗଦେଇଥିଲେ । ଏହା ସହିତ ଟି.ଡ଼ି.ସି.ସି.ଭବାନୀପାଟଣା ଶାଖା ପରିଚାଳକ ଶୈଳେସ ସାହୁ, ତୁରେକେଲା ଗୋଷ୍ଠୀ କୃଷି ଅଧିକାରୀ ଆନନ୍ଦ ମଲ୍ଲିକ, ତୁରେକେଲା ଗ୍ରା.ପର ସରପଞ୍ଚ ଜଳନ୍ଧର ମହାକୁର, ବିକଳ୍ପ ଅନୁଷ୍ଠାନର ବ୍ଲକ ସଂଯୋଜକ ସରୋଜ କୁମାର ସାହୁ, ଚାଷୀ ବନ୍ଧୁ ଏଗ୍ରିକଲ୍‌ଚର୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟବ୍ରତ ସଗ୍ରିଆ, ସମସ୍ତ କର୍ମକର୍ତ୍ତା ପ୍ରତୀକ ଦାସ, ମୂରଲି ମାଝୀ, ବିପନ୍ ମାଝୀ, ମହେନ୍ଦ୍ର ହଂସ, ରାଜେନ୍ଦ୍ର ସାହୁ, ମୋହନ ଠାକୁର, ବଡଡକଲା । ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଆଖପାଖର ମାଣ୍ଡିଆ ଚାଷୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଚ୍ୟୁତ ସାହୁ ପରିଚାଳନା କରିଥିବା ବେଳେ ମୂରଲୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।



## ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ବେହେରାମାଲ କ୍ଲଷ୍ଟର ସ୍ଥିତ ବଡ଼ଭାଲୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମେଧାବୀ ଛାତ୍ରୀ ଦିବ୍ୟାଶା ତାଣ୍ଡିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ବିଦ୍ୟାଳୟ ତଥା ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ପ୍ରଧାନ ଶିକ୍ଷକ ଜୟଶ୍ରୀରାମ ସିକନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବର୍ତ୍ତମାନର ବାଙ୍କୀପାଲି ସାଧନ କେନ୍ଦ୍ର ସଂଯୋଜକ ସୁନିଲକୁମାର ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାସା ତାଣ୍ଡିଙ୍କ ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ । ଶିକ୍ଷୟିତ୍ରୀ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚଉବର୍ଗ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ବିପ୍ରବୀର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରକାଶ ସାହୁ, ଶିକ୍ଷୟିତ୍ରୀ ମଧୁମିତା ବିଶ୍ୱାଳ ସହଯୋଗ କରିଥିଲେ ।

## ବାଲଡା ରେଞ୍ଜ ଅଫିସ୍‌ରେ ପ୍ରତିରୋଧ ଓ ପ୍ରତିକାର ସଚେତନତା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ବାଲଡା ରେଞ୍ଜ ଅଫିସ୍‌ରେ ପ୍ରତିରୋଧ ଓ ପ୍ରତିକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନନ୍ଦପୁର ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ମକ୍‌ଡ୍ରିଲ୍ କରଯାଇଛି । ଏହି ମକ୍‌ଡ୍ରିଲ୍‌ରେ ଜଙ୍ଗଲରେ ନିଆଁ ଲାଗିଲେ କିପରି ଏହାକୁ ଆୟତ କରିହେବ ଓ ଲିଭାଯାଇପାରିବ ସେ ଉପରେ ସଚେତନ କରିଥିଲେ । ଏଥିରେ ସ୍ଥାନୀୟ ଯୁବ ଗୋଷ୍ଠୀ ଓ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଏହି କୌଶଳ ଦେଖିବା ସହ ଏହିପରି ଭାବେ ନିଆଁ ଲିଭାଇବା କୌଶଳକୁ ଆପଣାଇଲେ ନିଆଁ ଲିଭାଇବା ସହଜ ଓ ସରଳ ହେବ ବୋଲି ପ୍ରକାଶ କରିଛନ୍ତି ।

## ଜଙ୍ଗଲ ନଷ୍ଟ ଯୋଗୁ ଲୋପ ପାଉଛି ଔଷଧୀୟ ବୃକ୍ଷ

**କେନ୍ଦୁଝର, ନ୍ୟୁଜ୍**

ବିଭିନ୍ନ ଅଞ୍ଚଳରେ ଶିଳ୍ପ ବିକାଶ ନାମରେ ଖଣି ଖନନ ଯୋଗୁଁ ଜଙ୍ଗଲର ଦୃତ ଅବକ୍ଷୟ ହେବାରେ ଲାଗିଛି, ଯାହାଫଳରେ ଜଙ୍ଗଲରେ ଥିବା ଭଳି ଭଳି ଔଷଧୀୟ ଗଛ ସବୁ ଲୋପ ପାଇବାରେ ଲାଗିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଖଣି ଖାଦାନ ଖନନ ସମୟରେ ସରକାରୀ ନିତ ନିୟମକୁ ଖାତିର ନକରି ଖଣି ମାଲିକମାନେ ଖଣି ଖନନ କରୁଥିବା ବେଳେ କାଠ ମାଫିଆ ଓ ହଜାର ହଜାର ଗରିବ ଅଧିବାସୀ ମାନେ ନିଜ ପରିବାରର ପ୍ରତିପୋଷଣ ଲାଗି ଦୈନିକ ଜାଳେଣି କାଠ, ଖଲି ଚଉପତି ପ୍ରସ୍ତୁତି ପାଇଁ ଜଙ୍ଗଲରୁ କାଠ ପତ୍ର ସଂଗ୍ରହ କରିବା କାରଣରୁ ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲରେ ଥିବା ବହୁ ଔଷଧୀୟ ଗଛ ମଧ୍ୟ ବିଲୋପ ହେବାରେ ଲାଗିଛି । ଭଳି ଭଳି ଔଷଧୀୟ ଚେର, ଛାଲି, ପତ୍ରରୁ କବିରାଜି ମାନେ ବହୁ ଦୁରାରୋଗର ଔଷଧ ପ୍ରସ୍ତୁତ କରି ରୋଗରୁ ଲୋକମାନଙ୍କୁ ଆରୋଗ୍ୟ ମଧ୍ୟ କରିଥାନ୍ତି ଏବଂ ଏହିଁ ଚେର ମୂଳି କବିରାଜି ଔଷଧ ଉପରେ ଗ୍ରାମାଞ୍ଚଳର ହଜାର ହଜାର ଅଧିବାସୀମାନେ ମଧ୍ୟ



ନିର୍ଭରଶିଳ ରହୁଥିଲେ । ହେଲେ ସମୟକ୍ରମେ ବିକାଶ ନାମରେ ଜଙ୍ଗଲର ଦୃତ ଅବକ୍ଷୟ ଯୋଗୁଁ ବଣ ଜଙ୍ଗଲରୁ ଆଉ ଔଷଧୀୟ ଗଛ ଦେଖିବା ସ୍ୱପ୍ନ ହୋଇଗଲାଣି । ଯାହାକି ଜଙ୍ଗଲ ସୁରକ୍ଷା ଉପରେ ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

## ଦୀର୍ଘ ମାସ ହେଲା ପ୍ଲାଷ୍ଟିକ୍ ରିସାଇକେଲିଂ ମେସିନ୍ ଅଚଳ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ଉପଯୁକ୍ତ ପ୍ରକ୍ରିୟାକରଣ ନିମନ୍ତେ ସରକାରୀ ସ୍ତରରେ ଗୁରୁତ୍ୱ ଦେବା ସହ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ସାମଗ୍ରୀକୁ ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ଯାତ୍ରୀମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ୍ ବୋତଲକୁ ସଂଗ୍ରହ କରି ଏହାର ପ୍ରକ୍ରିୟାକରଣ କରିବାପାଇଁ ବ୍ରହ୍ମପୁର ରେଳଷ୍ଟେସନ୍ ପରିସରରେ ଏକ ପ୍ଲାଷ୍ଟିକ୍ ରିସାଇକେଲ୍ ମେସିନ୍ ପ୍ରତିଷ୍ଠା କରାଯାଇଛି । କିନ୍ତୁ ତାହା ଦୀର୍ଘମାସ ଧରି ଅଚଳ ପଡ଼ିଥିବା ଦେଖିବାକୁ ମିଳିଛି । ଫଳରେ ଯାତ୍ରୀମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ୍ ବୋତଲକୁ ଷ୍ଟେସନର ବିଭିନ୍ନ ପ୍ଲାଟଫର୍ମରେ ଏଣେତେଣେ ଫୋପାଡୁଥିବା ନଜରକୁ ଆସିଛି । ଷ୍ଟେସନ୍‌ର ଏଭଳି ଦୃଶ୍ୟ ଦେଖିବାକୁ ମନେ ହେଉଛି ବ୍ରହ୍ମପୁର ରେଳଷ୍ଟେସନ୍‌ରେ ସ୍ୱଚ୍ଛ ଭାରତ ମିଶନ ବାଟବଣା ହୋଇଯାଇଛି । ରେଳ ଷ୍ଟେସନ୍‌ରେ ପ୍ଲାଷ୍ଟିକ୍ ବୋତଲକୁ ପୁନଃ ବ୍ୟବହାର ଉପଯୋଗୀ କରିବା ପାଇଁ କିଛି ବର୍ଷ ପୂର୍ବରୁ ଖୋର୍ଦ୍ଧାରୋଡ୍ ରେଳ ଡ଼ିଭିଜନ୍ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଥିଲା । ଏହାର ଅଧୀନରେ ଥିବା ବିଭିନ୍ନ ଷ୍ଟେସନ୍‌ଗୁଡ଼ିକରେ ଏହି ଅତ୍ୟାଧୁନିକ ପ୍ଲାଷ୍ଟିକ୍ ରିସାଇକେଲ୍ ମେସିନ୍ ସ୍ଥାପନ ହୋଇଥିଲା । ବ୍ରହ୍ମପୁର ରେଳଷ୍ଟେସନ୍‌ର ପ୍ରଥମ ପ୍ଲାଟଫର୍ମରେ ଏହି ମେସିନ୍‌କୁ ରଖାଯିବା ସହିତ ଦୈନନ୍ଦିନ ଯାତ୍ରୀ ପାଣି ବୋତଲର ବ୍ୟବହାର ପରେ ପାଣି ବୋତଲକୁ ମେସିନ୍‌ରେ ପକାଉଥିଲେ । ବ୍ୟବହୃତ ବୋତଲ ମେସିନ୍‌ରେ ପଡ଼ି ପ୍ରକ୍ରିୟାକରଣ ହୋଇ ଅନ୍ୟ ଉତ୍ପାଦର କଞ୍ଚାମାଲ୍ ରୂପେ ବ୍ୟବହାର ହେଉଥିଲା । ଉକ୍ତ ମେସିନ୍‌ରେ ଯାତ୍ରୀ ବୋତଲ ପକାଇବା ପରେ ପାର୍ଶ୍ୱରେ ଥିବା ସ୍କାନରରେ ନିଜର ଫୋନ୍ ନମ୍ବର ପ୍ରଦାନ କଲେ ନିଜ ୱାଲେଟ୍‌କୁ ଅର୍ଥରାଶି ଆସିବାର ବ୍ୟବସ୍ଥା ଥିଲା । ସ୍ୱଚ୍ଛ ଭାରତ ମିଶନ୍‌ର ଅଂଶବିଶେଷ ଏହାଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବ୍ୟବହାରର ହାର କମୁଥିଲା । ଏକ ସ୍ୱଦେଶୀ ସଂସ୍ଥା ଏହି ମେସିନ୍ ନିର୍ମାଣ କରିଥିଲା । ଲକ୍ଷାଧିକ ଟଙ୍କାର ମେସିନ୍‌କୁ ବ୍ୟବହାର ସହ ଠିକ୍ ରୂପରେ ତଦାରଖ କରାଯାଇ ପାରୁନଥିବାରୁ ତାହା କମ୍ ଦିନରେ ଖରାପ ହୋଇଯାଇଛି । ଦୀର୍ଘମାସ ଧରି ଏହି ମେସିନ୍ ଅଚଳ ପଡ଼ିଥିଲେ ହେଁ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । କର୍ତ୍ତୃପକ୍ଷ ମେସିନ୍ କାମ କରୁନଥିବା ଜାଣିବା ପରେ ବାହାର କରି ପ୍ଲାଟଫର୍ମର ଶେଷ ଭାଗକୁ ସ୍ଥାନାନ୍ତର କରିଦେଇଛନ୍ତି । ଅନ୍ୟପକ୍ଷରେ ଯାତ୍ରୀ ପାଣି ପିଇବା ପରେ ମେସିନ୍ କାମ କରୁନଥିବାରୁ ବୋତଲକୁ ଏଣେତେଣେ ଫୋପାଡୁଛନ୍ତି । ତେଣୁ ଉକ୍ତ ମେସିନ୍‌କୁ ତୁରନ୍ତ ମରାମତି କରିବା କାର୍ଯ୍ୟରେ ବିନିଯୋଗ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଅର୍ଥନୀତିରେ ଜାପାନକୁ ଅତିକ୍ରମ କରିବ ଭାରତ

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମସ୍ତୁତେ ।'**


ଶ୍ରୀ ଅଭିରାମ ସରସ୍ୱତୀ

ତୁଲି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)
ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)
ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

ଜନ ଗଣର ସ୍ୱାସ୍ଥ୍ୟ-୭

# ଏଚ୍.ଏମ୍.ପି.ଭି ଭୂତାଣୁ : ଜାଣିବା ଓ ଜଗିବା



ଡାକ୍ତର ଅଂଶୁମାନ କର
ସାମାଜିକ ଭେଷଜ ବିଶେଷଜ୍ଞ
ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ, ପୁରୀ
ମୋ. : ୯୭୭୮୦୩୦୪୯୪

ନବବର୍ଷ ଆରମ୍ଭରୁ ଚୀନରୁ ଉତ୍ପନ୍ନ ଏକ ଭୂତାଣୁ ପୁଣି ମାନବ ସମାଜକୁ ଆତଙ୍କିତ କରିବାରେ ଲାଗିଛି। ଚାରି ବର୍ଷ ତଳେ କୋଭିଡ ଯେଉଁ ଆତଙ୍କ ସୃଷ୍ଟି କରିଥିଲା ସେଥିରୁ ଏବେବି ଲୋକମାନେ ସମ୍ପୂର୍ଣ୍ଣ ଭାବେ ମୁକୁଳି ନାହାଁନ୍ତି। ଏହି ସମୟରେ ସାମାଜିକ ଗଣମାଧ୍ୟମ ଓ ସାଧାରଣ ଗଣମାଧ୍ୟମରେ ଏଚ୍.ଏମ୍.ପି.ଭି ଭୂତାଣୁ ସଂକ୍ରାନ୍ତରେ ଅନେକ ହୋ ହଲ୍ଲା ହେଉଛି। ଲୋକମାନେ ଅତ୍ୟଧିକ ବ୍ୟସ୍ତ ବିବ୍ରତ ହେବା ଆଗରୁ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ଆବଶ୍ୟକ।

ହ୍ୟୁମାନ ମେଟା ପ୍ନୁମୋଭାଇରସ୍ (ଏଚ୍.ଏମ୍.ପି.ଭି) ପ୍ରଥମେ ନେଦରଲ୍ୟାଣ୍ଡରେ ବର୍ନାଡେଟ୍ ଜି ଭାନ୍ ଡେନ୍ ହୁଗେନ ଏବଂ ତାଙ୍କ ସହକର୍ମୀମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା। ଶ୍ୱାସକ୍ରିୟାରେ ପ୍ରଥମେ ଏଚ୍.ଏମ୍.ପି.ଭି ଚିହ୍ନଟ ହେଲା। ତେଣୁ ପ୍ରଥମ କଥା ହେଲା ଏହା କୌଣସି ନୂଆ ଭୂତାଣୁ ନୁହେଁ। ୨୦୦୧ରୁ ଏହା ବିଷୟରେ ଜ୍ଞାନ ବୈଜ୍ଞାନିକ ଓ ଡାକ୍ତରଙ୍କ ପାଖରେ ଅଛି। ମାତ୍ର ଭୂତାଣୁର ମ୍ୟୁଟେସନ ଯୋଗୁଁ ସମୟ ସମୟରେ ଏହା ମହାମାରୀ କରିଥାଏ। ବର୍ତ୍ତମାନ ଚୀନରେ ଏହି ପ୍ରକାରର ମ୍ୟୁଟେସନ ହୋଇକି ମହାମାରୀର ପରିସ୍ଥିତ ସୃଷ୍ଟି ହୋଇଛି। ମାତ୍ର ଭାରତରେ ଏବେ ଯାଏ ଯେଉଁ ସବୁ ସଂକ୍ରମଣ ଖବର ଆସିଛି ତାହା ପୁରୁଣା, ଜଣାଥିବା ଭୂତାଣୁ କାରଣରୁ ବୋଲି ଜଣା ପଡୁଛି।

ଏହି ଜୀବାଣୁ ବିଶ୍ୱବ୍ୟାପୀ ବିତରଣ ହୁଏ ଏବଂ ଟେମ୍ପରେଟ ଅଞ୍ଚଳରେ ସାଧାରଣତ ଶୀତକାଳୀନ ସମୟର ଶେଷ ଭାଗ ତଥା ବସନ୍ତରେ RSV ଏବଂ ସ୍ୱାଇନ୍ ଫ୍ଲୁ ଭୂତାଣୁ ପରି ଏହି ଭୂତାଣୁ ସକ୍ରିୟହୁଏ । ଅଧ୍ୟୟନରୁ ଜଣାପଡିଛି ଯେ ପାଞ୍ଚ ବର୍ଷ ବୟସରେ ବିଶ୍ୱର ପ୍ରାୟ ସମସ୍ତ ପିଲା ଏହି ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ। ପ୍ରାରମ୍ଭିକ ଜୀବନରେ ସଂକ୍ରମଣ ସତ୍ତ୍ୱେ ପୁନର୍ବାର ସଂକ୍ରମଣ ହୁଏ ।

HMPV ସାମାନ୍ୟତଃ ଉପର ଶ୍ୱାସକ୍ରିୟାରୁ ସଂକ୍ରମଣ ହୋଇପାରେ (ଯଥା, ସାଧାରଣ ଥଣ୍ଡା)। ଅବଶ୍ୟ, ଦୁର୍ବଳ ଶିଶୁ, ପ୍ରତିରୋପଣକାରୀ ବ୍ୟକ୍ତି ଏବଂ ବୟସ୍କ ବୟସ ୬୫ ବର୍ଷ ଗୁରୁତର ରୋଗ ଏବଂ ଡାକ୍ତରଖାନାରେ ଭର୍ତ୍ତି ହେବାର ଆଶଙ୍କା ରହିଛି। ହସ୍ପିଟାଲରେ ଭର୍ତ୍ତି ହେବା ଏବଂ ଜରୁରୀକାଳୀନ ବିଭାଗରେ ଭର୍ତ୍ତି ହେବା ବିଷୟରେ କେତେକ ଅଧ୍ୟୟନରୁ ଜଣାପଡିଛି ଯେ, ବୟସ୍କଙ୍କ ଠାରେ ସ୍ୱାଇନ୍ ଫ୍ଲୁ ପରି HMPV ପ୍ରାୟ ସାଧାରଣ ଏବଂ ଗୁରୁତର ଅଟେ। ଆସ୍ଥମା ରୋଗୀଙ୍କ କ୍ଷେତ୍ରରେ HMPV ଅଧିକ ଗୁରୁତର ରୋଗ ସହିତ ଜଡିତ ଏବଂ କ୍ରନିକ ଅବଷ୍ଟ୍ରକ୍ଟିଭ ଫୁସଫୁସ ରୋଗ (COPD) ରେ ବୟସ୍କମାନେ ଅଧିକ ବିପଦରେ ଥାନ୍ତି । ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ HMPV ପ୍ରାୟତ ଲୋକାଲାଇଜ୍ ହୋଇଛି ଏବଂ ସମ୍ପ୍ରଦାୟରୁ ସମ୍ପ୍ରଦାୟ ମଧ୍ୟରେ ଭିନ୍ନ ହୋଇପାରେ, ଗୋଟିଏ ବର୍ଷରେ ଗୋଟିଏ ସ୍ଥାନରେ ଷ୍ଟ୍ରେନ୍ ହେବାର ସମ୍ଭାବନାକୁ ପରବର୍ତ୍ତୀ ବର୍ଷ ଏକ ଭିନ୍ନ ସ୍ଥାନରେ ଥିବା ଷ୍ଟ୍ରେନ୍ ସହିତ ସମାନ ହେବାକୁ ଅନୁମତି ଦେଇଥାଏ ।

ଗୋଟିଏ ସାଧାରଣ ଥଣ୍ଡାର ମୁଖ୍ୟ ଲକ୍ଷଣ ମଧ୍ୟରେ କାଶ, ନାକ ପ୍ରବାହିତ, ଛିଙ୍କିବା, ନାକ ସଂକ୍ରମଣ ଏବଂ ଗଳା ଯନ୍ତ୍ରଣା ହୁଏ, ବେଳେବେଳେ ମାଂସପେଶୀ ଯନ୍ତ୍ରଣା, ଥକାପଣ, ମୁଣ୍ଡବିନ୍ଧା ଏବଂ ଭୋକ ନଷ୍ଟ ହୁଏ । ଏହି ଭୂତାଣୁରେ ମଧ୍ୟ ଉକ୍ତ ପ୍ରକାରର ଲକ୍ଷଣ ଦେଖାଦିଏ। ତେଣୁ ଯଦି ୩ ଦିନରୁ ଅଧିକ ଏହିସବୁ ଲକ୍ଷଣ ଲାଗି ରହେ ତେବେ ଡାକ୍ତରଙ୍କ ପାଖକୁ ଯାଇ ପରାମର୍ଶ କରାଇ ନେବା ହେଉଛି ବୁଦ୍ଧିମତା HMPV ସଂକ୍ରମିତ ବ୍ୟକ୍ତି ବିଶେଷଙ୍କଠାରୁ ଅନ୍ୟମାନଙ୍କ ବିସ୍ତାର ହୋଇପାରେ: ୧.କାଶ ଏବଂ ଛିଙ୍କରୁ , ୨.ବ୍ୟକ୍ତିଗତ ସମ୍ପର୍କ (ଯଥା ସ୍ପର୍ଶ କରିବା, ହାତ ହଲାଇବା ଇତ୍ୟାଦି), ଏବଂ ୩. ଭାଇରସ୍ ସହିତ ବସ୍ତୁକୁ ଛୁଇଁବା ପରେ ଆପଣଙ୍କ ପାଟି, ନାକ କିମ୍ବା ଆଖି ସ୍ପର୍ଶ କରେ ତେବେ ମଧ୍ୟ ଏହି ଭୂତାଣୁ ବ୍ୟାପି ପରେ । ୨୦୨୩ ସୁଦ୍ଧା, HMPV ବିସ୍ତାରକୁ ରୋକିବା ପାଇଁ ଏକ ନିର୍ଭରଯୋଗ୍ୟ ଆଣ୍ଟିଭାଇରାଲ୍ ଥେରାପି ଚିକିତ୍ସା କିମ୍ବା ଟିକା ବିକାଶ ଏପର୍ଯ୍ୟନ୍ତ ହୋଇପାରି ନାହିଁ, କିନ୍ତୁ ସେହି କ୍ଷେତ୍ରରେ ଆଶାବାଦୀ ବିକାଶମୂଳକ କାର୍ଯ୍ୟ ଦେଖାଯାଉଛି।

ତେଣୁ ଏହି ରୋଗ ପ୍ରତିରୋଧର ପ୍ରାଥମିକ ପଦ୍ଧତିଗୁଡ଼ିକ ହେଉଛି ହାତ ଧୋଇବା; ଅଧୁଆ ହାତରେ ଆଖି, ନାକ କିମ୍ବା ପାଟିକୁ ଛୁଇଁବା ନାହିଁ ଏବଂ ଅସୁସ୍ଥ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ। ଯେ ପର୍ଯ୍ୟନ୍ତ ଲକ୍ଷଣଗୁଡିକ ଉପସ୍ଥିତ ଅଛି, ଲୋକମାନେ ସଂକ୍ରମିତ ବୋଲି ବିବେଚନା କରାଯାଏ। ଚେହେରା ମାସ୍କର ବ୍ୟବହାର କରିବା ଓ ସାମାଜିକ ଦୂରତ୍ୱ ଆବଶ୍ୟକ। ଏହାର କୌଣସି ଉପଶମ ମଧ୍ୟ ନାହିଁ, କିନ୍ତୁ ଏହାର ଲକ୍ଷଣଗୁଡିକ ଚିକିତ୍ସା କରାଯାଇପାରିବ। ତେଣୁ ଆତଙ୍କିତ ନ ହୋଇ ସରକାରୀ ସୂଚନାକୁ ଅନୁସରଣ ଓ ଉତ୍ତମ ସ୍ୱାସ୍ଥ୍ୟ ଆଚରଣ କରିବା ହିଁ ଏହି ରୋଗର ମୂଳ ପ୍ରତିଘାତ ।

# ଅଯୋଗ୍ୟ ପ୍ରଧାନ

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ - ସାମାଜିକ ଜନମଞ୍ଚ (ଭାରତ) ଛତ୍ରପୁର, ଗଂଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭

ପ୍ରାର୍ଥନା ଘଣ୍ଟି ବାଜିଲା ଓ ପ୍ରାର୍ଥନା ସରିଲା। ପିଲାମାନେ ନିଜ ନିଜ ଶ୍ରେଣୀଗୃହକୁ ଯିବା ପୂର୍ବରୁ ପ୍ରଧାନ ଶିକ୍ଷକ ଏକ ବାର୍ତ୍ତା ଦେଲେ ଯେ ଆସନ୍ତା କାଲି ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ ପାଳନ କରାଯିବ। ତେଣୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହେବ ଏବଂ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯିବ । ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କି'ନ୍ତୁ ସେତେବେଳ ପର୍ଯ୍ୟନ୍ତ ଚୁପ ଥିଲେ ଏବଂ ପ୍ରଧାନ ଶିକ୍ଷକଙ୍କ ମୁହଁକୁ ଜଳକା ପରି ଚାହିଁ ରହିଥିଲେ । କାର୍ଯ୍ୟାଳୟରେ ସବୁ ବିଷୟ ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ବୁଝାଇ ଦିଆଗଲା । ପରବର୍ତ୍ତୀ କାର୍ଯ୍ୟକ୍ରମ ତଦନୁଯାୟୀ ସମାପନ କରାଗଲା । ପୁଣି ଅନ୍ୟ ଏକ ଦିନର ସମାନ ଘଟଣା ସହିତ ପ୍ରଧାନ ଶିକ୍ଷକ ଜାତୀୟ କ୍ରୀଡା ଦିବସ ଘୋଷଣା କରି ସମାନ ଢଙ୍ଗରେ ସମାପନ କରାଗଲା । ଦେଖିବାକୁ ମିଳିଲା ଯେ ଏମିତି ଯୋଗ ଦିବସ ହେଉ କିମ୍ବା ବିଜ୍ଞାନ ମେଳା ଅଥବା ଯେକୌଣସି ବିଷୟ କେବଳ ପ୍ରଧାନ ଶିକ୍ଷକ ହିଁ ବିଦ୍ୟାଳୟର ପ୍ରାର୍ଥନା ଶ୍ରେଣୀରେ ପ୍ରଥମେ ଘୋଷଣା କରୁଥିଲେ ଏବଂ ତା ପରେ ସମ୍ପୃକ୍ତ ବିଭାଗର ଶିକ୍ଷକ / ଶିକ୍ଷୟିତ୍ରୀ ସେହି କାର୍ଯ୍ୟକୁ ସମାପନ କରିବାରେ ସହଯୋଗ କରୁଥିଲେ ଯାହା ସେମାନେ ପୂର୍ବରୁ କୌଣସି ଆଭାସ ପାଉ ନଥିଲେ! ଏଥିରେ ସ୍ପଷ୍ଟ ହେଉଥିଲା କି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିଁ ସର୍ବେ ସର୍ବା ଥିଲେ ଯିଏ ସବୁ କଥା, ବିଷୟକୁ ନିଜ ସ୍ତରରେ ରଖି କିମ୍ବା ସୃଷ୍ଟି କରି ପ୍ରଥମେ ଘୋଷଣା କରି ନିଜର ପ୍ରାଧାନ୍ୟତା ପ୍ରଦର୍ଶନ କରୁଥିଲେ କି, ସେ ଜଣେ ପ୍ରଧାନ ଶିକ୍ଷକ !

ବଡ଼ ଆଶ୍ଚର୍ଯ୍ୟର ବିଷୟ ଏହା ହୁଏ କି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବାସ୍ତବିକ ଅନ୍ୟ କୌଣସି କାର୍ଯ୍ୟ ତଥା ଶିକ୍ଷାଦାନ ହେଉ କିମ୍ବା କାର୍ଯ୍ୟାଳୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ଅଜ୍ଞାନ ଥିଲେ ଯାହା ସେ ଅନ୍ୟ ମାନଙ୍କ ସହାୟତାରେ କରୁଥିଲେ ! ହେଲେ ଏଠାରେ ବୁଝିବାକୁ ହେବ ଯେ ଯଦି ତାଙ୍କର କେବଳ ଆତ୍ମ ବଡ଼ିମା ପାଇଁ କେବଳ ଘୋଷଣାନାମା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜ୍ଞାନ ନଥିଲା ତା ହେଲେ ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରାଗଲା କେମିତି ଓ କାହିଁକି ?! ଉତ୍ତର ହେଉଛି ଯେହେତୁ ଏହା ହେଉଛି ଆମ ଦେଶ ଭାରତ ବର୍ଷ ଯେଉଁଠି ଆମ ସାମ୍ବିଧାନିକ ଆଇନକୁ ସମ୍ମାନ ଦେଇ ଆମେ ଲିଖିତ ସମ୍ବିଧାନର ସମସ୍ତ ଆଇନକୁ ମାନି ଚାଲୁଛୁ ତେଣୁ ସେହି କ୍ରମରେ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରଧାନ ଶିକ୍ଷକ ପଦବୀ ପାଇଁ କୌଣସି ଯୋଗ୍ୟତା ନଥିଲେ ମଧ୍ୟ ବିଭିନ୍ନ କାରଣ ହେତୁ ତାଙ୍କୁ ପଦୋନ୍ନତି ଦେଇ ପ୍ରଧାନ ଶିକ୍ଷକ କରାଗଲା! ତେଣୁ ପଦୋନ୍ନତି ପାଇ ପ୍ରଧାନ ଶିକ୍ଷକ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଯେହେତୁ କୌଣସି କାର୍ଯ୍ୟ କରିବାରେ ସମର୍ଥ ନଥିଲେ ତେଣୁ ତାଙ୍କୁ ପ୍ରଧାନ ଶିକ୍ଷକ ବୋଲି ଅନ୍ୟମାନଙ୍କ ମାନ୍ୟତା ରହିବା ଆଶା ମଳିନ ରହିବା ଏକ ସ୍ୱାଭାବିକ କଥା । ତେଣୁ ସେ ନିଜର ମିଥ୍ୟା ଦକ୍ଷତା ପ୍ରଦର୍ଶନ ପୂର୍ବକ କୌଣସି ବାସ୍ତବ ଜ୍ଞାନ ରହିତ କେବଳ ଘୋଷଣାନାମାରେ ନିଜର ଦକ୍ଷତା ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଥିଲେ ।

ଏମିତି କିଛି ଦିନ ବିତିଗଲା। କାର୍ଯ୍ୟାଳୟର ସରକାରୀ ଦଲିଲ ହେଉ କିମ୍ବା ଶୃଙ୍ଖଳା ସହିତ ଶୈକ୍ଷିକତା ଉପରେ କୌଣସି ଗୁରୁତ୍ୱ ଦିଆଗଲା ନାହିଁ । କାରଣ ଦକ୍ଷତା ହୀନ ପ୍ରଧାନ ଶିକ୍ଷକ ସମସ୍ତ ବାସ୍ତବ କାର୍ଯ୍ୟକୁ ଛାଡି ସବୁଦିନେ କୌଣସି ନା କୌଣସି ବାହାନାରେ କେବଳ ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ସହିତ ତାଙ୍କ ନିଜ ଗୁଣଗାନ କରିବା ପାଇଁ ବଶୀଭୂତ କରି ରଖିଲେ ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ତ କର୍ମକର୍ତ୍ତାଙ୍କୁ! ଦେଖୁ ଦେଖୁ କିଛି ବର୍ଷ ବିତିଯିବା ପରେ ଦେଖିବାକୁ ମିଳିଲା ଯେ ସମ୍ପୃକ୍ତ ବିଦ୍ୟାଳୟଟି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ରହି ଶିକ୍ଷାର୍ଥୀଙ୍କ ଉତ୍ତୀର୍ଣ୍ଣ ହାରରେ ସର୍ବନିମ୍ନ ସ୍ତରରେ ଆସି ପହଞ୍ଚିଛି। ଗ୍ରାମବାସୀ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହେଉଥିବା ଦେଖି ଖୁବ୍ ତୀବ୍ର ପ୍ରତିବାଦ କଲେ। ସରକାରୀ ସ୍ତରରେ ହୁଲୁସ୍ଥୁଲ ହେଲା ଯେ ତୁରନ୍ତ ସେହି ପ୍ରଧାନ ଶିକ୍ଷକଙ୍କୁ ସେହି ବିଦ୍ୟାଳୟରୁ ବିତାଡିତ କରି ଏକ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଉ। ସେମିତି ହେଲା । କି'ନ୍ତୁ ନୂତନ ପ୍ରଧାନ ଶିକ୍ଷକ ଆସିବା ବେଳକୁ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କ ଶୈକ୍ଷିକତା ସମ୍ପୂର୍ଣ୍ଣ ଶୂନ୍ୟ ହୋଇଯାଇ ଥିଲା ଯାହା ନୂତନ ପ୍ରଧାନ ଶିକ୍ଷକ ତାକୁ ଆଉ ସୁଧାରିବା ସମ୍ଭବ ନଥିଲା।

ଏହି ସମସ୍ତ ଘଟଣା ଗୁଡିକୁ ଗ୍ରାମବାସୀ ସମୀକ୍ଷା କରି କ'ଣ କରାଯିବ ବିଚାର କରିବା ବେଳକୁ ସେମାନଙ୍କ ହାତରେ ଆଉ କିଛି ନିୟନ୍ତ୍ରଣ ରେଖା ନଥିଲା। ଅର୍ଥାତ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ ସମ୍ପୂର୍ଣ୍ଣ ଅଜ୍ଞାନ ଅଶିକ୍ଷିତ ରହି କେବଳ ଦିନ ମଜୁରିଆ ଭଳି କାର୍ଯ୍ୟ କରି କ୍ରୀତଦାସ ଜୀବନ ବିତାଇବାକୁ ପଡିଲା ଯାହାର ସୁଧାର ଆଉ ସମ୍ଭବ ହେଲା ନାହିଁ। ଗ୍ରାମବାସୀ କେବଳ ନିଜର ଭୁଲକୁ ସ୍ୱୀକାର ପୂର୍ବକ ଅନୁଶୋଚନାରେ ରହିଲେ ଯେ ଆଗରୁ ଏହାର ଆଶୁ ସମାଧାନ ଦିଗରେ କାର୍ଯ୍ୟ କରିଥିଲେ ହୁଏତ ଆଜି ଏହି ସମୟ ଦେଖିବାକୁ ପଡି ନଥାନ୍ତା। କିନ୍ତୁ ସେମାନଙ୍କ ଅଜ୍ଞାନ ନିର୍ବୋଧତା କାରଣରୁ ଏମିତି ଏକ ସାଙ୍ଘାତିକ ଅଘଟଣକୁ ସେମାନେ ସଜ୍ୟ କରି ପାରୁନଥିଲେ ମଧ୍ୟ କୌଣସି ଉପାୟ ନପାଇ ପୁଣି ସମୟକୁ ଅପେକ୍ଷା କରି ରହିଲେ ଯେ ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର କେତେଦିନ ଲାଗିବ ବିଦ୍ୟାଳୟଟିକୁ ସୁଧାରିବା ପାଇଁ ସେତେଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡା ଆଉ କିଛି ଉପାୟ ନଥିଲା ସେମାନଙ୍କ ପାଖରେ । ତାହା ପୁଣି ସମ୍ଭବ ହେବ କି ନାହିଁ ସମୟ କହିବ । ଏଠାରୁ ଆମେ ଯାହା ଶିଖିଲେ ସେଗୁଡିକ କାର୍ଯ୍ୟରେ ନଲଗାଇଲେ ଯେ ଆମ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଏହିଭଳି ଅନୁଶୋଚନାରେ ରହିବା ଛଡା ଆଗକୁ କ'ଣ, ଯେ କହି ହେବ ନାହିଁ କି ଜାଣି ହେବ ନାହିଁ। ଦେଶର ପ୍ରତ୍ୟେକ ସ୍ଥାନରେ ପଦସ୍ଥ/ ପ୍ରବିଷ୍ଟ ପ୍ରଧାନ ମାନଙ୍କ ପ୍ରତି ସମାନ ସତର୍କତା ଅବଲମ୍ବନ କରାନଗଲେ ଯେ ଏହିଭଳି ଦୁର୍ଯୋଗର ସମ୍ମୁଖୀନ କରିବାକୁ ହେବ ସମସ୍ତଙ୍କୁ ସେଥିରେ କୌଣସି ସନ୍ଦେହ ନାହିଁ । ତେଣୁ ରାଷ୍ଟ୍ରୀୟ ନାଗରିକ ସମୂହ ଆଜିଠାରୁ ସତର୍କିତ ରହିବା ଏକାନ୍ତ କାମ୍ୟ । ଗ୍ରହଣୀୟତା ନିର୍ଭର କରୁଛି ସମସ୍ତ ନାଗରିକଙ୍କ ବିଶ୍ଳେଷଣାତ୍ମକ ଜ୍ଞାନ ଉପରେ... ।

# ଗୋ ସମ୍ପଦର ସୁରକ୍ଷା



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ-୯୭୭୮୭୬୪୩୯୪
tripathysk1947@gmail.com

ଆଜିକାଲି ବିଭିନ୍ନ ଗଣମାଧ୍ୟମରେ ଗୋରୁଗାଈ ମାନଙ୍କୁ କେନ୍ଦ୍ରକରି ଦୁଇ ପ୍ରକାର ବିପରୀତ ଧର୍ମୀ ସମ୍ବାଦ ସାମ୍ନାକୁ ଆସୁଛି । ପ୍ରଥମତଃ ବୁଲା ଗୋରୁଗାଈ ଏବଂ ଷଣ୍ଢମାନଙ୍କ ଦାଉରୁ ଫସଲହାନୀ ହେବା, ରାସ୍ତାଘାଟମାନଙ୍କରେ ଯାବତୀୟ ପ୍ରକାର ଦୁର୍ଘଟଣା ଘଟିବା ତଥା ସେମାନଙ୍କ ଆକ୍ରମଣରେ ସାଧାରଣ ଜନତା ଖଣ୍ଡିଆଖାବରା ହେବା ସହିତ ମୃତ୍ୟୁବରଣ କରିବା । ଦ୍ୱିତୀୟତଃ ଗୋରୁଗାଈମାନଙ୍କୁ ବେଆଇନ ଭାବେ ଚୋରାଚାଲାଣକୁ କେନ୍ଦ୍ରକରି ବିଭିନ୍ନ ସ୍ଥାନରେ ଗୋଷ୍ଠୀସଂଘର୍ଷ, ରକ୍ତପାତ, ଆକ୍ରମଣ ଓ ପ୍ରତିଆକ୍ରମଣ କରି ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ପ୍ରଥମ ଘଟଣା ଗୁଡିକରେ ମାମଲା ଗୁଡ଼ିକ ସାଧାରଣତଃ କୋର୍ଟ କଚେରୀ କିମ୍ବା ପୋଲିସ୍ ପାଖକୁ ଯାଉନଥିବା ବେଳେ ଦ୍ୱିତୀୟ ଘଟଣାରେ ପ୍ରାୟତଃ ପୋଲିସ୍ ହସ୍ତକ୍ଷେପ ଥାଏ ଏବଂ ଆଇନଶୃଙ୍ଖଳା ଭଙ୍ଗ ହେବାର ଭୟ ଥାଏ । ତେବେ ପ୍ରଶ୍ନ ଉଠୁଛି ଏ ସମସ୍ୟା କ'ଣ ରୋକା ଯାଇ ପାରିବ ? ପୂର୍ବ କାଳରେ ଲୋକମାନେ ଚାଷବାସ କରିବା ସହିତ ଗାଈଗୋରୁ ପାଳି ନିଜର ଗୁଜୁରାଣ ମେଣ୍ଟାଉଥିଲେ । କୃଷିକାର୍ଯ୍ୟରେ ସହାୟତା ବ୍ୟତୀତ କ୍ଷୀର, ଗୋବର ତଥା ଗମନାଗମନରେ ବ୍ୟବହାର ନିମିତ୍ତ ଗୋରୁଗାଈଙ୍କର ଆଦର କାହିଁରେ କ'ଣ ଥିଲା । ତେବେ ସମୟ କ୍ରମେ ଆମେ ସବୁଜ ବିପ୍ଳବ ଏବଂ ଶ୍ୱେତ ବିପ୍ଳବ ଯୁଗରେ ପାଦ ଦେଲୁ । ପ୍ରଥମ ବିପ୍ଳବରେ ଆମେ ମେସିନ୍ ଏବଂ କୃତ୍ରିମ ସାର ବ୍ୟବହାର କରିବା ଫଳରେ ଗୋରୁ ଗାଈଙ୍କର ଆଦର କମିଥିବା ବେଳେ ଦ୍ୱିତୀୟ କ୍ଷେତ୍ରରେ ଅଧିକ କ୍ଷୀର ଆଶାରେ ଆମେ ଶଙ୍କର ଜାତୀୟ ଗୋପାଳନକୁ ପ୍ରାଧାନ୍ୟ ଦେଲୁ ଯେଉଁମାନେ କୃଷି କିମ୍ବା ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନୁପଯୁକ୍ତ । ତେଣୁ ଗାଈମାନେ ସିନା କ୍ଷୀର ଦେବେ ଆଉ ଅଣ୍ଡିରା ବାଛୁରୀମାନେ କରିବେ କ'ଣ? ସେଥିପାଇଁ ଲୋକେ ବିକଳ୍ପ ବ୍ୟବସ୍ଥା କଥା ନଭାବି ବାହାରେ ବାଛୁରୀ ମାନଙ୍କୁ ଛାଡିଦେଇ ଆସୁଛନ୍ତି । ତା'ଛଡା ଗାଁଗଣ୍ଡା ଠାରୁ ସହର ବଜାର ପର୍ଯ୍ୟନ୍ତ ସବୁଠି ପକ୍କାଘର । ତେଣୁ ଗୋବରରେ ଲିପାପୋଛାର ଆବଶ୍ୟକତା ନାହିଁ । ଘରର ପରିବା ଚୋପା ତଥା ଅନ୍ୟାନ୍ୟ ଖାଦ୍ୟପଦାର୍ଥକୁ ଆମେ ଅଳିଆଗଦାରେ ପକାଇ ଦେଉଛୁ ସିନା କୌଣସି ଗାଈଗୋରୁ ମାନଙ୍କୁ ଦେବାପାଇଁ ମନ ବଳାଉ ନାହିଁ କିମ୍ବା ସେଗୁଡିକୁ ଘରକୁ ଘର ବୁଲି ଆଦାୟ କରି ପୁଣି ସେଗୁଡିକୁ ଗାଈ ଗୋରୁଙ୍କୁ ଦେବାର ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ପାରି ନାହିଁ ଗାଈମାନଙ୍କର ଉପକାରୀ ଗୁଣଗୁଡ଼ିକୁ ଲକ୍ଷ୍ୟକରି ସେମାନଙ୍କୁ ଆମେ ମା' ସହିତ ତୁଳନା କରି ଗୋମାତା ବୋଲି ସମ୍ବୋଧନ କରିଥାଉ ତେବେ ମା'କୁ କ'ଣ କେହି ବିକିପାରେ ନା କେହି ଘରୁ କାଢ଼ି ଦେଇପାରେ? ଅନେକ ଜାଗାରେ ଷଣ୍ଢମାନେ ଫସଲ ନଷ୍ଟ କରିବା ଯୋଗୁଁ ଲୋକେ ଚାଷବାସ ଛାଡିଦେଲେଣି । କେଉଁଠି ଷଣ୍ଢମାନଙ୍କ ଉପରେ ଅମାନବୀୟ ଆକ୍ରମଣ ହେଉଛି ତ ଆଉ କେଉଁଠି ସେମାନଙ୍କୁ ଗୋଟିଏ ଜାଗାରୁ ନେଇ ଆଉ ଗୋଟିଏ ଜାଗାରେ ଛାଡ଼ିଦିଆଯାଉଛି । ତେବେ ଏ ସବୁର ସମାଧାନ କ'ଣ ହୋଇପାରେ?

କିଛିଦିନ ପୂର୍ବେ ସରକାରୀ ନିଷ୍ପତ୍ତି ଅନୁଯାୟୀ ସ୍ୱର୍ଗଦ୍ୱାରରେ ଶବଦାହରେ ଘଷିର ବ୍ୟବହାର କରାଯିବ ବୋଲି ନିଷ୍ପତ୍ତି ହୋଇଛି ଏବଂ ପଞ୍ଜୀକୃତ ୬୬ ଗୋଶାଳାକୁ ୮.୯୬ କୋଟିର ସହାୟତା, ୧୩ଟି ନୂତନ ଗୋଶାଳା ଏବଂ ୪୭ ଟି ଗୋଧନ କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ବ୍ୟୟବରାଦ କରାଯାଇଛି । ଯାହା ଗୋରୁଗାଈଙ୍କ ସୁରକ୍ଷା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନେ କରାଯାଏ ।

ଯେଉଁମାନେ ଡାଏରୀ ଫାର୍ମ ପାଇଁ ସରକାରୀ ସହାୟତା ନେଉଛନ୍ତି ସେମାନେ ନିଜର ପ୍ରକଳ୍ପ ଯୋଜନା ସମୟରେ ବାଛୁରୀ ମାନଙ୍କର ଲାଳନପାଳନ ତଥା ଭବିଷ୍ୟତ କାର୍ଯ୍ୟ ଖସଡ଼ା ବିଷୟରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ବାଧ୍ୟତାମୂଳକ କରାଯିବା ଉଚିତ୍ । ବୁଲା ଗୋରୁଗାଈ ମାନଙ୍କ ପାଇଁ ନୂତନ ଥଇଥାନ କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି ତେବେ କୌଣସି କାରଣରୁ ଏହି ଗୋରୁଗାଈମାନଙ୍କର କେହି ମାଲିକାନା ଜାହିର କଲେ ସେମାନଙ୍କ ଠାରୁ ଫାଇନ୍ ଆଦାୟ କରାଯିବାର ବ୍ୟବସ୍ଥା ରହୁ । ଜନସଂଖ୍ୟା ବୃଦ୍ଧି ତଥା ଅନ୍ୟାନ୍ୟ କାରଣରୁ କାଳକ୍ରମେ ଲୋପ ପାଇଯାଉଥିବା ଗୋଚରଜମି ଗୁଡ଼ିକର ପୁନରୁଦ୍ଧାର କରାଯିବାର ବିଧିବ୍ୟବସ୍ଥା କରାଯାଉ ।

ମଠ, ମନ୍ଦିର ମାନଙ୍କରେ ସୁବିଧା ସୁଯୋଗ ଅନୁଯାୟୀ ନୂତନ ଗୋସେବା କେନ୍ଦ୍ରଗୁଡ଼ିକ ଖୋଲିବାର ବ୍ୟବସ୍ଥା ରହୁ ଯାହା ଫଳରେ ଗୋସେବା ଆକାଂକ୍ଷୀ ଲୋକମାନେ ଅର୍ଥ ଏବଂ ଖାଦ୍ୟ ପଦାର୍ଥ ଦାନ କରିବା ସହିତ ସେମାନଙ୍କର ସେବା କରିବାର ସୁଯୋଗ ପାଇପାରିବେ।

ଗୋମୂତ୍ର ଏବଂ ଗୋବରର ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବେକାରୀ ଯୁବକଯୁବତୀ ମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବାର ସୁବନ୍ଦୋବସ୍ତ କରାଯିବା ଦରକାର । ସ୍ଥାନ, କାଳ ଓ ପାତ୍ର ବିଚାର କରି ବିଭିନ୍ନ ଜଙ୍ଗଲମାନଙ୍କର ମଧ୍ୟ ସେମାନଙ୍କର ଥଇଥାନ କରାଯାଇ ପାରେ । ଶେଷରେ ଆମେ ସମସ୍ତେ ମନେରଖିବା ଉଚିତ ଯେ ଗୋସମ୍ପଦର ସଫଳ ଉପଯୋଗ କରାଯାଇ ପାରିଲେ ସେମାନେ ଆମପାଇଁ ମୁଣ୍ଡବ୍ୟଥାର କାରଣ ସାଜିବା ଅପେକ୍ଷା ଆମ ବିକାଶର ସାରଥି ସାଜିପାରିବେ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୮

## ପଣ୍ଡୁ:ବିବାହ, ଅରଣ୍ୟବାସ ଓ ମୃତ୍ୟୁ-୨



ଦିନକର କଥା । ରାଜା ପଣ୍ଡୁ ଶିକାର ଉଦ୍ଦେଶ୍ୟରେ ଅରଣ୍ୟକୁ ଯାଇଥିଲେ । ଦେଖିଲେ, ଗୋଟିଏ ହରିଣ ଓ ହରିଣୀ ଖେଳୁଛନ୍ତି । ପ୍ରକୃତରେ ସେମାନେ ହରିଣ ନଥିଲେ, ଥିଲେ ଋଷି ଓ ଋଷିପତ୍ନୀ । କାୟା ବଦଳକରି ହରିଣ ରୂପରେ ଖେଳୁଥିଲେ । ପଣ୍ଡୁ ଏକଥା ଜାଣନ୍ତେ ବା କେମିତି ! ସେ ତୀରଟିଏ ମାରି ପୁରୁଷ ହରିଣଟିକୁ ମାରିଦେଲେ ।

ଋଷି ମରିବା ପୂର୍ବରୁ ପଣ୍ଡୁଙ୍କୁ ଅଭିଶାପ ଦେଇ କହିଲେ – ହେ ପାପୀ ! ମୁଁ ମୋ ସ୍ତ୍ରୀ ସହ କେଳି କରୁଥିବା ବେଳେ ତୁମେ ମୋତେ ମାରିଛ ! ତୁମେ ଯେତେବେଳେ ତୁମ ସ୍ତ୍ରୀ ସହ କେଳି କରୁଥିବ, ସେହି ସମୟରେ ତୁମେ ମରିଯିବ ! ଏହା ମୋର ଅଭିଶାପ ।

ରାଜା ପଣ୍ଡୁ ରାଜପ୍ରାସାଦକୁ ବାହୁଡ଼ିଲେ । ସେ ଇଚ୍ଛାକଲେ ସଂସାର ତ୍ୟାଗୀ ହେବାକୁ । ଦୁଇରାଣୀଙ୍କୁ ସାଥିରେ ଧରି, ସଂସାର ମୋହ ତ୍ୟାଗ କରି ଅରଣ୍ୟକୁ ଚାଲିଗଲେ । ଏବଂ ସେମାନେ ଅରଣ୍ୟରେ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ଜୀବନ ବଞ୍ଚିଲେ । ରାଜ୍ୟ ଭାର ବର୍ତ୍ତମାନ ରହିଲା ଭୀଷ୍ମ ଓ ବିଦୁରଙ୍କ ଉପରେ । ରାଜସିଂହାସନ ଶୂନ୍ୟ ରହିବା କଥା ନୁହଁ । ଭୀଷ୍ମଙ୍କ ପରାମର୍ଶ ଅନୁସାରେ ଜନ୍ମାନ୍ଧ ଧୃତରାଷ୍ଟ୍ର ହସ୍ତିନାପୁର ସିଂହାସନରେ ବସିଲେ ।

ଅରଣ୍ୟବାସରେ କୁନ୍ତୀ ଜାଣିପାରିଲେ ସ୍ୱାମୀ ସବୁବେଳେ ମନସ୍ତାପରେ ରହୁଛନ୍ତି । ମନସ୍ତାପର କାରଣ, ଅରଣ୍ୟବାସ ଯେତେନୁହଁ ତାଙ୍କର ସନ୍ତାନ ଲାଭ ହେବନାହିଁ, ସେହି ଭାବନା ତାଙ୍କୁ ଅଧିକ ବିଚଳିତ କରୁଥିଲା । ଏକଥା ଜାଣି ଦିନେ କୁନ୍ତୀ ଗୋପନରେ କହିଲେ ସ୍ୱାମୀଙ୍କୁ, ଦୁର୍ବାସାପ୍ରଦତ୍ତ ମନ୍ତ୍ର ସଂପର୍କରେ ।

ଖୁସିହେଲେ ପଣ୍ଡୁ । ସେ ଦୁଇରାଣୀଙ୍କୁ କହିଲେ – ମୋତେ ଋଷିଙ୍କ ଅଭିଶାପ ଅପଦାର୍ଥଟାଏ କରିଦେଇଛି । ତୁମେ ଦୁଇଜଣ ସେହି ମନ୍ତ୍ରର ସଦ୍‌ବ୍ୟବହାର କର ।

ସେଇଆ ହେଲା । କୁନ୍ତୀ ଓ ମାଦ୍ରୀ ଦୁର୍ବାସା – ପ୍ରଦତ୍ତ ମନ୍ତ୍ରର ସଦ୍‌ବ୍ୟବହାର କଲେ ଓ ପାଞ୍ଚୋଟି ପୁତ୍ରଙ୍କୁ ଜନ୍ମଦେଲେ । ସେହ ପୁତ୍ରମାନେ ଅରଣ୍ୟରେ ସାଧୁଙ୍କ ମେଳରେ ରହି ବଢ଼ିବାକୁ ଲାଗିଲେ ।

ଦିନକର କଥା । ସେତେବେଳେ ଥିଲା ବସନ୍ତ ଋତୁ । ଚାରିପଟେ ଫୁଟିଥିଲା ଫୁଲ । ସୁଗନ୍ଧି ପବନ ବହିଆସୁଥିଲା । ଲତାଗୁଡ଼ିକ ଫୁଲ ଭାରରେ ମତୁଆଲା ଦିଶୁଥିଲେ । ଚଢ଼େଇ ମାନେ ଗୀତଗାଇ ଉଡିବୁଲୁଥିଲେ । ବଣ୍ୟପଶୁ ଖେଳ କୌତୁକରେ ମାତିଥିଲେ ।

"ଆହାଃ ! ବସନ୍ତ ଋତୁଟି କେଡେ ମନ ଲୋଭା !" – ପଣ୍ଡୁ କହିଲେ ମାଦ୍ରୀଙ୍କୁ । ମାଦ୍ରୀ କିଛି ଅନୁମାନ କଲେ ଓ ସ୍ୱାମୀଙ୍କୁ ମନେ ପକେଇଦେଲେ ଋଷିଙ୍କ ଅଭିଶାପ । ମାତ୍ର ବସନ୍ତଋତୁ ପାଗଳ କରିଦେଇଥିଲା ପଣ୍ଡୁଙ୍କୁ । ସେ ମାଦ୍ରୀଙ୍କ ଏକାନ୍ତ ସାନ୍ନିଧ୍ୟ ଇଚ୍ଛା କଲେ ଓ ପାଇଲେ ।

ବାସ୍ ସରିଗଲା ! ଋଷିଙ୍କର ଅଭିଶାପ ତତ୍‌କ୍ଷଣାତ୍ ଫଳିଲା । ପଣ୍ଡୁ ମରିଗଲେ ।

ମାଦ୍ରୀ ନିଜକୁ ଦୋଷୀ ମଣିଲେ । କୁନ୍ତୀଙ୍କ ଉପରେ ସନ୍ତାନଭାର ଅର୍ପଣକରି ସ୍ୱାମୀଙ୍କ ଚିତାରେ ଝାସଦେଲେ ମାଦ୍ରୀ । ବର୍ତ୍ତମାନ ପାଞ୍ଚୋଟି ଶିଶୁପୁତ୍ରଙ୍କର ବାପା ଓ ମାଆ ଉଭୟ ହେଉଛନ୍ତି କୁନ୍ତୀ । ସେ ପୁତ୍ରମାନଙ୍କ ସହ ସାଧୁଙ୍କ ଗହଣରେ ଦିନ ବିତେଇବାକୁ ଲାଗିଲେ ।

ଇତିମଧ୍ୟରେ ଯୁଧିଷ୍ଠିରଙ୍କୁ ଷୋଳବର୍ଷ ହେଲା । ଅରଣ୍ୟର ସାଧୁମାନେ କୁନ୍ତୀ ଓ ତାଙ୍କର ପୁତ୍ରମାନଙ୍କୁ ସାଥିରେ ଧରି ହସ୍ତିନାପୁରରେ ପହଞ୍ଚିଲେ । ଭୀଷ୍ମଙ୍କୁ ସେମାନଙ୍କୁ ସମର୍ପି ପଣ୍ଡୁଙ୍କ ମୃତ୍ୟୁ ବିଷୟରେ କହିଲେ । ବ୍ୟାସ, ଭୀଷ୍ମ, ଧୃତରାଷ୍ଟ୍ର ଓ ବିଦୁର ପଣ୍ଡୁଙ୍କର ଅନ୍ତେଷ୍ଟି କ୍ରିୟା ସମାପନ କଲେ । ସେବେଠାରୁ ପାଣ୍ଡବ ଭାଇ ମାନେ ହସ୍ତିନାପୁର ରାଜପ୍ରାସାଦରେ ରହିଲେ ।

ଦିନେ ବ୍ୟାସ ଆସି ପହଞ୍ଚିଲେ ହସ୍ତିନାପୁରରେ । ସତ୍ୟବତୀଙ୍କୁ କହିଲେ – ମା, ଅତୀତର ଦିନଗୁଡ଼ିକ ତୁମେ ଖୁବ୍ ଭଲରେ ବିତେଇ ଦେଲ । ମୁଁ ଜାଣିପାରୁଛି, ଭବିଷ୍ୟତ ଏହି ବଂଶଟି ପାଇଁ ଅନେକ ଦୁଃଖ ସାଇତି ରଖିଛି । ସେ ଦୁଃଖ ଦେଖିବା ଅପେକ୍ଷା ତୁମେ କୌଣସି ଆଶ୍ରମରେ ସନ୍ନ୍ୟାସିନୀ ଜୀବନ ବିତେଇବା ସବୁଠୁ ଭଲ ହେବ । ନିଜର ବଂଶଜଙ୍କର ଦୁଃଖ ଦେଖିବାକୁ ସେତେବେଳେ ତୁମେ ନଥିବ ।

ବ୍ୟାସଙ୍କର ପରାମର୍ଶ ଗ୍ରହଣକଲେ ସତ୍ୟବତୀ । ବିଧବା ବୋହୂ ଅମ୍ବିକା ଓ ଅମ୍ବାଳିକାଙ୍କୁ ସାଥିରେ ଧରି ଅରଣ୍ୟକୁ ସେ ଚାଲିଗଲେ । ଏବଂ ଅବଶିଷ୍ଟ ଜୀବନ ଈଶ୍ୱର ଆରାଧନାରେ ବିନିଯୋଗ କଲେ ।

ଭୟଙ୍କର କୁରୁକ୍ଷେତ୍ର ଯୁଦ୍ଧ ଦେଖିବାକୁ ସେମାନେ ନଥିଲେ ।

**ଆସ ମନେରଖିବା :**

ପଣ୍ଡୁ ଜାଣିପାରିନଥିଲେ, ଦୁଇଟି ହରିଣ ଅନ୍ତରଙ୍ଗ ମୁହୂର୍ତ୍ତରେ ଖେଳ କରୁଥିଲେ । ତା'ର କାରଣ ଦୂରତା ଓ ବହଳ ଗଛ । ସେ କେବଳ ଜାଣିଲେ ଦୁଇଟି ହରିଣ ଖେଳୁଛନ୍ତି ମାତ୍ର । ଯେଉଁ ଋଷି ହରିଣ ରୂପ ଗ୍ରହଣ କରିଥିଲେ ତାଙ୍କ ନାମ 'କିଣ୍ଡମ' । ଋଷି ପତ୍ନୀଙ୍କ ନାମ ଜଣାନାହିଁ । ସେ ଯାହାହେଉ, ଋଷି ତାଙ୍କୁ ଅଭିଶାପ ଦେବାବେଳେ ପଣ୍ଡୁ ଅନୁତାପ କରିବା ପରିବର୍ତ୍ତେ ଋଷିଙ୍କ ସହ ଯୁକ୍ତି କରିଥିଲେ । କ୍ଷତ୍ରିୟ ଧର୍ମ ଉପରେ ଅଗସ୍ତ୍ୟ ଦେଇଥିବା ମନ୍ତବ୍ୟର ସେ ଭୁଲ୍ ତର୍ଜମା କରିଥିଲେ । ଅନୁତାପ କରିଥିଲେ ହୁଏତ କ୍ଷମାପାଇଥାନ୍ତେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ସୁରେନ୍ଦ୍ର ସାଏ ଓ ସୁଭାଷ

*ସୁସ୍ମିତା ଦାସ*





ଆଜି ତାରିଖରେ ଓଡ଼ିଶା ମାଟିରେ
ଜନ୍ମିଥିଲେ ଦୁଇ ପୁରୁଷ –
ଦୁହେଁ ଥିଲେ ମୁକ୍ତି ସଂଗ୍ରାମର ବୀର
ସୁରେନ୍ଦ୍ର ସାଏ ଓ ସୁଭାଷ,
ନିଜ ସୁଗୁଣରେ ଥିଲେ ତ ସ୍ୱତନ୍ତ୍ର
ଦୁହେଁ ଶ୍ରେଷ୍ଠ ଦେଶ ଭକତ–
ଜଣେ ଲଢୁଥିଲେ ଫିରିଙ୍ଗି ସାଥିରେ
ଜଣେ ମାଗୁଥିଲେ ରକତ,
ଦୁହିଁଙ୍କୁ ମୋହର ଭକ୍ତି ଶ୍ରଦ୍ଧାଞ୍ଜଳି
ମଥାନୁଆଁ କୋଟି ପ୍ରଣତି –
ପ୍ରତି ପ୍ରାଣେ ଭରି ଦିଅନ୍ତୁ ଉଭୟେ
ଶାନ୍ତି ମଇତ୍ରୀ ଓ ସଂହତି ।

*କଣ୍ଟାବଣିଆ, ଯାଜପୁର*

# ସେ ଆମ ସୁଭାଷ

*ଜୟନ୍ତ କୁମାର ମଲ୍ଲିକ*



ରକ୍ତ ଦିଅ ମତେ ଦେବି ସ୍ୱାଧୀନତା
ଆହ୍ୱାନ ସେ ଦେଇଥିଲେ –
ଦିଲ୍ଲୀ ଚାଲ ବୋଲି ସେନା ବାହିନୀଙ୍କୁ
ଡ଼ାକରା ସେ ଦେଇଥିଲେ,
ସେ ଆମ ସୁଭାଷ ଜାଣେ ତାଙ୍କୁ ବିଶ୍ୱ
ଖ୍ୟାତ ସେ ନେତାଜୀ ନାମେ –
ମହତ ଚିନ୍ତାକୁ ପ୍ରତିଫଳିତ ସେ
କରିଛନ୍ତି ନିଜ କାମେ,
କଟକ ସହର ଓଡ଼ିଆ ବଜାରେ
ହୋଇଥିଲେ ସେତ ଜାତ –
ଜାନକୀନାଥ ଯେ ଥିଲେ ତାଙ୍କ ପିତା
ପ୍ରଭାବତୀ ଦେବୀ ମାତ,
ଜନମ ଦିନରେ କରି ମଥାନତ
କରେ ତାଙ୍କୁ ନମସ୍କାର –
ପବିତ୍ର ଉତ୍କଳ ଜନନୀର କୋଳେ
ଜନ୍ମୁଥାନ୍ତୁ ବାର ବାର ।

*ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ:୯୪୩୭୮୬୫୭୨୭*

# ବୀର ଯବାନ ସୁରେନ୍ଦ୍ର ସାଏ

*ଅଶୋକ କୁମାର ପ୍ରଧାନ*

ଆମ ରାଇଜର ବୀର ଯବାନ
ସୁରେନ୍ଦ୍ର ସାଏ
ଯାହାଙ୍କର ତ୍ୟାଗ ବୀରତ୍ୱ ସାରା
ରାଇଜ ଗାଏ

ସଂଗ୍ରାମୀ ପୁଅ ସେ ଇଂରେଜ ଗୁଳି
ଡିଲେ ନ ଡରି
ଇଂରେଜଙ୍କ ଟାଣ ଭାଙ୍ଗିଲେ ଦମ୍ଭେ
ଲଢେଇ କରି

ଦେଖି ସାଏଙ୍କର ବୀରତ୍ୱ ଦମ୍ଭ
ଇଂରେଜ ଜାତି
ନିଜ ଦେଶେ ଯିବା ଭାବିଲେ ଭୁଲି
ଶାସନ ପ୍ରୀତି

ଭାବିଲେ ଆମରି ଛଳନା ଲୋକେ
ଗଲେଣି ଜାଣି
ଆଉ ପାରିବାନି ଏଥର ମିଛ
ପରଦା ଟାଣି

ଲୋଡା ନାହିଁ ଆମ ଭାରତ ଦେଶ
ଶାସନ ଭାର
ଚାଲିବା ଆମରି ରାଇଜେ ହୋଇ
ଦରିଆ ପାର

ଆସରେ ସଭିଏଁ ପାଳିବା ତାଙ୍କ
ଜନମ ଦିନ
ଛାଡି ଯାଇଛନ୍ତି ଆମରି ପାଇଁ
ସ୍ୱାଧୀନ ଚିହ୍ନ ।

*ଶିକ୍ଷକ,ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ*
*ରୋହିଗାଁ, ଗଞ୍ଜାମ*
*ମୋ-୮୨୪୯୧୧୯୧୩୦*



# ମା' ଘଣ୍ଟେଶ୍ୱରୀ ସାହା

*ସୁରମା ମିଶ୍ର*



ମାଆ ଘଣ୍ଟେଶ୍ୱରୀ ମାଆ ଲୋ ମାଆ
ସୁଖରେ ଦୁଃଖରେ ତୁ ମୋର ସାହା

ଯେଉଁ ଦିନ ତତେ ମୁହିଁ ଦେଖିଲି
ତୋର ପଦେ ନିଜକୁ ସମର୍ପିଲି

ତୋର ଚରଣ ତଳେ ମୁଁ ଆଶ୍ରିତ
ଆଖି ଆଗେ ନାଚୁ ତୁ ଅବିରତ
ଯେବେ ଘଣ୍ଟିଟିଏ ମୁହିଁ ବାନ୍ଧଇ
ଅଶାନ୍ତ ମନ ମୋ ଶାନ୍ତ ହୁଅଇ

କରୁଣାମୟୀ ଲୋ ତୋର କରୁଣା
କାହାକୁ ବା ଅଛି ଆଉ ଅଜଣା
କୃପାମୟୀ ବାରେ କୃପା କର ଲୋ
ସବୁ ଦୁଃଖ କରିଦିଅ ଦୂର ଲୋ

ଦିଅ ଧୈର୍ଯ୍ୟ ଦିଅ ମୋତେ ଶକତି
ତୋର ବିନା ନାହିଁ ମୋର ମୁକତି
ତତେ କରୁଅଛି କୋଟି ପ୍ରଣାମ
ପାଦତଳେ ଟିକେ ଦିଅଲୋ ସ୍ଥାନ

ଯଦି କରିଥିବି କିଛି ଦୋଷ ଲୋ
କ୍ଷମା କରି ଦେବୁ ହୋଇ ତୋଷ ଲୋ
ଆଉ କିଛି ମାଗୁନାହିଁ ମାଆ ଲୋ
ସଦା କରିବୁ ମତେ ସୁଦୟା ଲୋ ।

*ବିଏଲ୍-୩୯, ଭିଏସ୍ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# କଅଁଳ ଖରା ଦେହକୁ ହିତ

*କୀର୍ତ୍ତନ ସାହୁ*

କଅଁଳ ଖରା ଦେହକୁ ହିତ
ଭାରି ତ ମଜା
କଅଁଳ କଥା ଭାରି ମଧୁର
କହନ୍ତି ଅଜା

ନରମ ଠାଣି ମନକୁ ଜିଣି
ନିଅଇ ଟାଣି
ସଭିଙ୍କୁ ମୋହେ ହୃଦୟ ଜିଣେ
ମଧୁର ବାଣୀ

ପରଜାପତି ତରକା ଅତି
ଉଡ଼ିରେ ଉଡ଼ି
ନାଚି ନାଚିକା ଫୁଲରେ ବସେ
ଡେଣାକୁ ଝାଡି

ସବୁଜ ଶିରୀ କ୍ଷେତରେ ଭରି
ଆହା କି ମଜା
ଚାଷୀ ଭାଇର ଖୁସିରେ ଖୁସି
ବାଇଦ ବଜା

ଯୋଛନା ଭରା ଆକାଶ ଦେଖ
କେଡ଼େ ଯେ ଶୋଭା
ତାରା ମେଳରେ ଜହ୍ନଟି ହସେ
ଛାଟି ତା ପ୍ରଭା

ସବୁ ଖୁସିରେ ଆମରି ପାଇଁ
ଆମରି ପାଳି
ନାଚିବା ଆମେ ଡେଇଁବା ଆମେ
ମାରିବା ତାଳି ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ରକ୍ତ ଦିଅ ମୋତେ ସ୍ୱାଧୀନତା ଦେବି

*ଦୀନବନ୍ଧୁ ପୋଇ*



ରକ୍ତ ଦିଅ ମୋତେ ସ୍ୱାଧୀନତା ଦେବି
ଥିଲା ସୁଭାଷଙ୍କ ନାରା
ତାଙ୍କ ଡାକରାରେ ଲମ୍ଫ ଦେଲେ ନରେ
ମେଦିନୀ କମ୍ପିଲା ପରା

ପ୍ରକୃତ ବୀର ସନ୍ତାନ
ଜନ୍ମଭୂମି ପ୍ରୀତି କେତେ ଥିଲା ଭକ୍ତି
ଦେଶ ପାଇଁ ସେ ମହାନ
ମାତୃଭୂମି ପରେ ଶତ୍ରୁ ଯେଉଁ ନରେ

ଦେଶୁ କରିବେ ବାହାର
ଆଜାଦ ହିନ୍ଦ ଫଉଜ ଗଢିଲେ
କରିବେ ଅରି ପ୍ରହାର
ଅରି ଦେବେ ଶକ୍ତି ଆମର

ଗୁଳିର ଜବାବ ଗୁଳିରେ ହିଁ ଦେବା
ଏଥିଲା ତାଙ୍କ ବିଚାର
ଏମିତି ମହାନ ଓଡ଼ିଆ ସନ୍ତାନ
କଟକରେ ଜନ୍ମ ସ୍ଥାନ

ଦେଶବାବାସୀଙ୍କର ସ୍ୱାଧୀନତା ପାଇଁ
କିଣି ନେଲେ ଜନ ମନ
ପାଇଲେ ନେତାଜୀ ମାନ
ଇତିହାସ ପୃଷ୍ଠା ମଣ୍ଡନ କରିଲ

ତୁମେ ହେ ବୀର ସନ୍ତାନ
ତୁମ ଯଶ କୀର୍ତ୍ତି ଆଉ ନୀତି କାନ୍ତି
ଗାହୁଁଛି ଏଦେଶ ବାସୀ
ଜନମ ହୋଇଲେ ଆଉଥରେ ତୁମେ

ଭାରତୀୟ ହେବେ ଖୁସି
ବାକି ତୁମର ସପନ
ହୋଇବ ପୁରଣ ହେ ଜନ ନାୟକ
ବଢିବ ଦେଶର ମାନ ।

*ଗୋରଡା ପାଳ, କରମୂଳ, ଢେଙ୍କାନାଳ*
*ଦୂରଭାଷ - ୯୯୩୮୮୦ ୨୪୧୨*

# କହିଲ ଦେଖି

*ସୁନୀଲ କୁମାର ପ୍ରଧାନ*

ଜାନୁଆରୀ ମାସେ ତାର ପରବ
କୋଡିଏରେ ଛଅ କରିଲେ ଯୋଗ
ଏହି ଦିନ ନିୟମ ଲାଗୁ ହୋଇଲା
ଆମ ଦେଶ ତାକୁ ପାଳନ କଲା
କିଏ କହିବ ତାରିଖ ଭଲା ।

ଆଇନ ଜୀବୀ ଅଟନ୍ତି ସେହି
ଦେଶ ସମ୍ବିଧାନ ଗଢିଲେ ରହି
ସମ୍ବିଧାନ ପିତା ତାଙ୍କୁ କୁହଇ
ଦେଶ ଆଜି ତାଙ୍କୁ ପୂଜା କରଇ
ଦିଅ ତାଙ୍କ ନାମ ବତାଇ ।

ଗୋଟିଏ କନାରେ ତିନୋଟି ଧାର
ନାରଙ୍ଗୀ ଧଳା ସବୁଜ ରଙ୍ଗ
ଦେଲେ ମଥା ଯାଉଛି ନଇଁ
ଆମରି ସଙ୍କେତ ଅଟଇ ଭାଇ
ଯିଏ କହିବ ଚତୁର ସେହି ।

*ଝାଟିପଦର, ପାଲୁର, ଗଂଜାମ*
*ମୋ- ୭୬୦୯୯୩୪୩୬୬*



# ଆମେତ ଅମୃତ ଶିଶୁ

*ନଳିନୀ ଦାଶ*



ଆମ ମନେ ନାହିଁ ଛନ୍ଦ କି କପଟ
ଆମେତ ଅମୃତ ଶିଶୁ
ଭାରତ ମାତାର ସନ୍ତାନ ଆମେରେ
ଗାନ୍ଧି ଗୋପବନ୍ଧୁ ଯିଶୁ
ବଡ଼ହୋଇ ଦିନେ ଆମରି ହାତରେ
ନୂତନ ଦେଶ ଗଢ଼ିବୁ
ବନ୍ଧୁକ ଧରିବୁ ଶତ୍ରୁଙ୍କୁ ତଡିବୁ
କଷ୍ଟ ସହିକି ଲଢ଼ିବୁ
ଉତ୍କଳମଣିଙ୍କ ପରି ଆମେମାନେ
ଜନସେବାକୁ କରିବୁ
ଗାନ୍ଧିଜୀଙ୍କ ଭଳି ଦେଶ ପାଇଁ ଲଢି
ଅହିଂସା ନୀତି ଧରିବୁ
ବୁଦ୍ଧଦେବଙ୍କର ନୀତି ଆଦର୍ଶରେ
ସତ୍ୟ ସନ୍ଧାନ କରିବୁ
ଯିଶୁଙ୍କର ବାଣୀ ଶୁଣାଇ ସଭିଙ୍କୁ
ଆମେ ସରବେ ପାଳିବୁ
ତାଙ୍କର ଆଦର୍ଶେ ବଡ଼ ହୋଇ ଦିନେ
କରିଯିବୁ କେତେ କାମ
ଏ ଦେଶ ମହାନ ଭାବ ନାହିଁ ସାନ
ରଖିବୁ ଆମେତ ନାମ
ଭଲ ପାଠପଢ଼ି ଆକାଶ ପଥରେ
ରକେଟ୍‌ରେ ଉଡ଼ିଯିବୁ
ଗବେଷଣା କରି ଆମ ହାତେ ଆମେ
ଯନ୍ତ୍ରଯାନ ଗଢ଼ିଦେବୁ
ଆମ କାମ ଦେଖି ଗରବେ କହିବ
ହସିବ ଏଇ ଜଗତ
ପ୍ରଗତିର ସିଡି ଚଢ଼ି ଆଗେଇବୁ
ଉଡୁଥିବ ଯଶ କେତ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ବିପ୍ଳବୀ ସୁଭାଷ ଚନ୍ଦ୍ର

*ସୁହଂସ ଭୋଇ*



ଆସିଲା ସୁଦିନ ଉଇଁଲେ ତପନ
ଅନ୍ଧକାର ହେଲା ଶେଷ
ଜନମିଲେ ଯେବେ ଓଡ଼ିଶା କଟକେ
ନେତାଜୀ ସୁଭାଷ ବୋଷ

ପ୍ରଭାବତୀ ଦେବୀ ମାତା ଭାଗ୍ୟବତୀ
ଜନକ ଜାନକୀ ନାଥ
ତୁଳସୀ ପତର ଅନୁରୂପ ବାସେ
ବାଲ୍ୟକାଳୁ ସେଇ ସୁତ

ଝାସ ଦେଲେ ଦିନେ ସ୍ୱତନ୍ତ୍ରତା ରଣେ
ସ୍ୱାଧୀନ କରିବେ ଦେଶ
ଜନମୁଖେ ବୁଣି ଦେବେ ଟିକେ ହସ
ହଟିବ କଷଣ କ୍ଳେଶ

ରକ୍ତ ଦିଅ ସ୍ୱାଧୀନତା ନିଅ ବୋଲି
ଜନତାଙ୍କୁ ଦେଲେ ଡାକ
ମନରେ ସାହସ ଭରି ନେଇ ଆସ
ରଖିବା ଦେଶର ଟେକ

ନିଜ ହାତେ ନିଜେ ସ୍ୱଦେହେ ଗଢିଲେ
ଫଉଜ ଆଜାଦ ହିନ୍ଦ
ଗୁଳିର ଜବାବ ଗୁଳିରେ ରଖିଲେ
ବିପ୍ଳବୀ ସୁଭାଷ ଚନ୍ଦ୍ର

ଶୁଭିଲା ଶବଦ ଥରିଲେ ଇଂରେଜ
ମନରେ ପଶିଲା ଭୟ
ତ୍ୟାଗ ବଳିଦାନ ସମର୍ପଣ ବଳେ
ସତ୍ୟର ହୋଇଲା ଜୟ ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ- ୯୪୩୭୫୨୨୪୫୫*



# ଗଣତନ୍ତ୍ର ଦିବସ

*ଧ୍ରୁବ ଚରଣ ଘିବେଲା*

ଆସିଛି ଆଜି ପାଳିବା ତେଜି
ଆମ ଅଳସ ପଣ
ଭୋରରୁ ଉଠି ସାରି ପାଇଟି
ସ୍କୁଲକୁ ଯିବା ଜାଣ
ଆଜି ଦିନଟି ପବିତ୍ର ଅତି
ସାହିର ଯେତେ ପିଲା
ଏକାଠି ହୋଇ ସ୍କୁଲକୁ ଯିବା
ସଜ ହୋଇକି ଭଲା
ପ୍ରଭାତ ଫେରି ଗାଆଁଟା ଘୁରି
ଫେରି ଆସିବା ଆମେ
ସୁଭାଷବୋଷ ଗୋପବନ୍ଧୁଙ୍କ
ଜୟ କହିବା ଆମେ
ପତାକା ଧରି ନାଆଁ ସୁମରି
ଗାନ୍ଧୀନେହେରୁଙ୍କର
ପ୍ରଭାତ ଫେରି ଆସିବା ସାରି
ଆମ ସ୍କୁଲ ପରିସର
ଆଗରୁ ସଜ ପତାକା ତଳେ
ଆସି ହୋଇବା ଠୁଳ
(ଜାତୀୟ) ପତାକା ଟାଣି ଉଡ଼ାଇ ଦେଲେ
ବୋଲିବା ଧରି ସୁର
ଜନ ଗଣ ମନ ଜାତୀୟ ଗାନ
ଆମ ସମସ୍ତଙ୍କର
ପ୍ରଧାନଶିକ୍ଷକ କହନ୍ତି ପୁଣି
ମହତ୍ତ୍ୱ ଦିବସର
ଏଇ ଦିନରେ ଲାଗୁ ହେଲାରେ
ଗଣତନ୍ତ୍ର ଶାସନ
ଶାସକ ନୀତି ଯାହା ଯେମିତି
ଆଧାର ସମ୍ବିଧାନ
ଭାରତ ହେଲା ସବୁଠୁ ବଡ଼
ଗଣତାନ୍ତ୍ରିକ ଦେଶ
ସର୍ବଦା ଆମେ ରଖିବା ଆମ
ଭାରତମାତା ଟେକ
ଶେଷକୁ ମିଠା ମିଠେଇ ଖାଇ
ଫେରିଲୁ ଯେଝା ଘର
ବୁଝିଛୁ ଆମେ ଆମରି ଦେଶ
ସାରା ଜଗତେ ସାର ।

*ବଉଦରାଜ, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଯୌତୁକରେ ୧ ଟଙ୍କା ନେଲେ ନୀରଜ ଚୋପ୍ରା



**ମୁମ୍ବାଇ**

ଗୋଲଡେନ ବୟ ନୀରଜ୍ ଚୋପ୍ରା। ଷ୍ଟାର୍ ଜାଭଲିନ୍ ଥ୍ରୋଅର୍ ରୂପେ ପରିଚୟ ସାଉଁଟିଥିବା ହରିୟାଣାର ନୀରଜ ଚୋପ୍ରାଙ୍କୁ କିଏ ନଜାଣେ। ଅଲମ୍ପିକ୍ସରେ ତାଙ୍କ ଦମ୍‌ଦାର ପ୍ରଦର୍ଶନକୁ ସଭିଏଁ ମନେ ରଖିଛନ୍ତି। ନିଜ ଖେଳକୁ ନେଇ ଚର୍ଚ୍ଚାରେ ରହୁଥିବା ନୀରଜ୍ ଏବେ ବିବାହ କରିଛନ୍ତି। ଏହି ଗୁଡ୍‌ନ୍ୟୁଜ ଦେଇ ଫ୍ୟାନ୍ସଙ୍କୁ ସରପ୍ରାଇଜ ଦେଇଛନ୍ତି। ଜାନୁଆରୀ ୧୭ ତାରିଖରେ ହିମାନୀ ମୋରଙ୍କ ସହ ସାତଫେରା ନେଇଛନ୍ତି ନୀରଜ୍। ଏବେ ବିବାହର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଫ୍ୟାନ୍ସ ଏବଂ ମିଡିଆକୁ ଏନେଇ ସୂଚନା ଦେଇଛନ୍ତି।

ନୀରଜଙ୍କ ଦାଦା ସୁରେନ୍ଦ୍ର ଚୋପ୍ରା କହିଛନ୍ତି ଯେ ଏହି ବିବାହ ବିନା ଯୌତୁକ ହୋଇଥିଲା। ନୀରଜ ବିବାହ ରୀତିନୀତି ଅନୁଯାୟୀ କେବଳ ଗୋଟିଏ ଟଙ୍କା ଶଗୁନ ଭାବରେ ନେଇଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ଏହି ବିବାହକୁ କାହିଁକି ଗୁପ୍ତ ରଖାଯାଇଥିଲା। ସେ କହିଥିଲେ, ଆମେ ଚାହୁଁଥିଲୁ ଯେ କେବଳ ବ୍ୟକ୍ତିଗତ ଲୋକମାନେ ସାମିଲ ହୁଅନ୍ତୁ। ବିବାହ ଅତି ସରଳ ଓ କୌଣସି ସୋର ଶବ୍ଦ ବିନା ହେଉ।

ଜଣେ ଷ୍ଟାର ଖେଳାଳି ହେବା ସତ୍ତ୍ୱେ, ନୀରଜ ଗ୍ଲାମରଠାରୁ ଦୂରରେ ରହିଥିଲେ। ସେ ଯେଉଁ ସରଳତା ସହିତ ବିବାହ କରିଥିଲେ। ଯାହା ତାଙ୍କ ପ୍ରଶଂସକମାନଙ୍କୁ ମଧ୍ୟ ପ୍ରଭାବିତ କରିଛି। ଦୁହେଁ ଖୁବ୍ ଶୀଘ୍ର ଏକ ଗ୍ରାଣ୍ଡ ରିସେପ୍ସନ ପାର୍ଟିର ଆୟୋଜନ କରିବେ। କହିବାକୁ ଗଲେ ନୀରଜ ଏବଂ ହିମାନୀଙ୍କ ପରିବାର ସ୍ପଷ୍ଟ କରିଛନ୍ତି ଉଭୟ ପରିବାର ପରସ୍ପରକୁ ୭-୮ ବର୍ଷ ଧରି ଜାଣନ୍ତି। ନୀରଜ ଏବଂ ହିମାନୀଙ୍କ ସମ୍ମତି ପରେ, ବିବାହ ସ୍ଥିର ହୋଇଥିଲା। ବିବାହ ପରେ, ନୀରଜ ଏବଂ ହିମାନୀ ଆମେରିକା ଯାଇଥିଲେ। ହିମାନୀଙ୍କ ମାଆ କହିଛନ୍ତି, ହିମାନୀ ଆମେରିକାରେ କାମ କରିବା ସହିତ ପାଠପଢ଼ା ମଧ୍ୟ କରୁଛନ୍ତି।

# ଇଡେନ୍ ଗାର୍ଡେନରେ ଅଭିଷେକ ଶର୍ମା ଝଡ଼ : ୭ ୱିକେଟରେ ଜିତିଲା ଟିମ୍ ଇଣ୍ଡିଆ

**କୋଲକାତା**

ବିଜୟରୁ ଅଭିଯାନ ଆରମ୍ଭ କଲା ଟିମ୍ ଇଣ୍ଡିଆ। କୋଲକାତାର ଇଡେନ ଗାର୍ଡେନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଭାରତ ଜିତି ନେଇଛି। ଭାରତର ନିମନ୍ତ୍ରଣ କ୍ରମେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୩୨ ରନ୍ କରିଥିଲା। ଜବାବରେ ଟିମ୍ ଇଣ୍ଡିଆ ୩ ୱିକେଟ୍ ହରାଇ ୧୨.୫ ଓଭର ୧୩୩ ରନ୍ କରି ମ୍ୟାଚ୍ ଜିତି ନେଇଛି।

ଭାରତ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୭୯ ରନ୍ କରିଥିବା ବେଳେ ତାଙ୍କ ପଛକୁ ସଞ୍ଜୁ ସାମସନ ୨୬ ରନ୍ କରିଥିଲେ। ହେଲେ କ୍ୟାପ୍ଟେନ୍ ସୂର୍ଯ୍ୟ କୁମାର ଯାଦବ କିନ୍ତୁ ଖାତା ଖୋଲିପାରି ନଥିଲେ। ସେପଟେ ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଆଦିଲ ରଶିଦ ଗୋଟିଏ ୱିକେଟ୍ ନେଇଥିଲେ।

ଇଂଲଣ୍ଡର ୧୩୨ ରନ୍ ଟାର୍ଗେଟ୍ ନେଇ ମୈଦାନକୁ ଓହ୍ଲାଇଥିବା ଭାରତ ପକ୍ଷରୁ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଭଲ ଆରମ୍ଭ କରିଥିଲେ। ହେଲେ ୪.୨ ଓଭର ବେଳକୁ ଦଳୀୟ ସ୍କୋର ୪୧ ବେଳେ ସଞ୍ଜୁ ସାମନଙ୍କ ୱିକେଟ ଯାଇଥିଲା। ସେ ମାତ୍ର ୨୦ ବଲ୍‌ରେ ୨୬ ରନ୍ କରି ଆଉଟ ହୋଇଥିଲେ। ଏହାପରେ ସେହି ଓଭରରେ ବ୍ୟାଟିଂ ଆସିଥିବା କ୍ୟାପ୍ଟେନ ସୂର୍ଯ୍ୟକୁମାର ଯାଦବଙ୍କ ୱିକେଟ ମଧ୍ୟ ଯାଇଥିଲା। ସେ ଖାତା ଖୋଲିପାରି ନଥିଲେ।




ସେପଟେ ଅଭିଷେକ ଶର୍ମା ବିସ୍ଫୋରକ ଇନିଂସ୍ ଖେଳି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। କ୍ୟାପ୍ଟେନ୍‌ଙ୍କ ଆଉଟ୍ ହେବା ପରେ ଅଭିଷେକଙ୍କୁ ସହଯୋଗ କରିବାକୁ ଆସିଥିଲେ ତିଳକ ବର୍ମା। ହେଲେ ୧୧.୫ ଓଭର ବେଳକୁ ଅଭିଷେକ ଆଉଟ ହୋଇ ପାଭିଲିଅନ ଫେରିଥିଲେ। ସେ ମାତ୍ର ୩୪ ବଲ୍‌ରେ ୭୯ ରନ୍ କରିଥିଲେ। ଯେଉଁଥିରେ ସେ ୫ଟି ଚୌକା ଓ ୮ଟି ଛକ୍କା ମାରିଥିଲେ।

ଅନ୍ୟପଟେ ଭାରତୀୟ ବୋଲରଙ୍କ ପରି ଆଜି କମାଲ ଦେଇଖାପାରି ନଥିଲେ ଇଂଲଣ୍ଡ ବୋଲର। ଜୋଫ୍ରା ଆର୍ଚ୍ଚର ସର୍ବାଧିକ ୨ ୱିକେଟ୍ ନେଇଥିବା ବେଳେ ଆଦିଲ ରଶିଦ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବାକି ସମସ୍ତ ବୋଲର ଟିମ୍ ପାଇଁ ୱିକେଟ ନେବାର ବିଫଳ ହୋଇଥିଲେ। ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ଗସ ଆଟ୍ କିନସନ। ସେ ୨ ଓଭର କରି ୩୮ ରନ୍ ଦେଇଥିବା ବେଳେ ୱିକେଟ୍ ନେଇ ପାରି ନଥିଲେ।

# ସି.ଏମ୍. ଟ୍ରଫି : କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀ ଓ ମଧୁବନ ଫୁଟବଲ କ୍ଲବ୍ ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଫାଓ ରାଜ୍ୟ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ପୃଷ୍ଠପୋଷକତାରେ ସି.ଏମ ଟ୍ରଫିର ୭ମ ଦିବସରେ ଦୁଇ ଗୋଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳରେ କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀ ୧୨-୦୦ ଗୋଲରେ ତ୍ରିଜଙ୍ଗା ଫୁଟବଲ୍ କ୍ଲବ୍‌କୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ମଧୁବନ ଫୁଟବଲ କ୍ଲବ୍ ୨-୦ ଗୋଲରେ ମହାଲକ୍ଷ୍ମୀ କ୍ଲବ୍‌କୁ ପରାସ୍ତ କରିଥିଲା।

ବୁଧବାରର ଖେଳରେ ଅତିଥି ଭାବରେ ପୂର୍ବତନ ଖେଳାଳି ସୁବାସ ସାହୁ ଓ ମନିନ୍ଦ୍ର ଧଳ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଦାୟିତ୍ୱ ଦୁଃଖବନ୍ଧୁ ମାଝୀ, କଳ୍ପତରୁ ଦେହୁରି, ମୁନ ମୁନ ସାମାତ୍ ଓ ଶିବ ଡ଼ା ପରିଚାଳନା କରିଥିଲେ।



# ଧାମନଗର ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା




**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ମହାବିଦ୍ୟାଳୟ ପରିସରରେ 'ବାର୍ଷିକ କ୍ରୀଡ଼ା' ପ୍ରତିଯୋଗିତା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହା ବିଦ୍ୟାଳୟର ଅଧକ୍ଷ ଡ. ଅଜୟ କୁମାର ବେଜ୍‌ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ମୁଖ୍ୟବକ୍ତା ଭାବେ ସଞ୍ଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସନ୍ଦୀପ କୁମାର ଘୋଷ ଯୋଗଦେଇ ଉତ୍ତମ ଶିକ୍ଷା ପରିପ୍ରେକ୍ଷୀରେ ଶାରୀରିକ, ମାନସିକ ଓ ଦକ୍ଷତା କ୍ଷେତ୍ରରେ ସ୍ୱୟଂ ସଂପୂର୍ଣ୍ଣ ବିକାଶ ଲାଗି କ୍ରୀଡ଼ା ପ୍ରତି ଆକୃଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କ୍ରୀଡ଼ା ସଂଯୋଜକ ସଜଳ କୁମାର ମହାନ୍ତି ଅନୁଷ୍ଠିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଓ ଅଧ୍ୟାପକ ଚିନ୍ମୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା କଲ୍ୟାଣୀ ଦାଶ, ଶ୍ୱେତା ସାମିନି ଓ ଚାନ୍ଦ ମହମ୍ମଦଙ୍କ ନେତୃତ୍ୱରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ମହାବିଦ୍ୟାଳୟର କ୍ରୀଡ଼ାଙ୍ଗନରେ 'କ୍ରୀଡ଼ା' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ର ୧୦୦ମିଟର, ୨୦୦ ମିଟର ଦୌଡ଼ ପ୍ରତିଯୋଗିତା ସାଙ୍ଗକୁ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ପୁଟିଙ୍ଗ୍ ଦି ସଟ୍ , ଡିସ୍‌କସ୍ ଥ୍ରୋ, ମ୍ୟୁଜିକ ଚେଆର, ସ୍ଲୋ ସାଇକେଲ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ମେଡାଲ ଓ ଟ୍ରଫି ପୁରସ୍କୃତ କରାଯାଇଥିଲା। ସରୋଜ କୁମାର ପଣ୍ଡା, ସ୍ମରଣିକା ପ୍ରଧାନ, ଡ. ପ୍ରଶାନ୍ତ କୁମାର ପରିଡ଼ା, ଡ. ମନୋଜ କୁମାର କର, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ, ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଶେଷରେ କ୍ରୀଡ଼ା କାର୍ଯ୍ୟକ୍ରମର ସଦସ୍ୟ ଆଧ୍ୟାପିକା କଲ୍ୟାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର : ଆସନ୍ତା ଫେବୃୟାରୀ ୯ ତାରିଖରେ ବାରବାଟୀ ଷ୍ଟାଡ଼ିୟମରେ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟିକେଟ କିଣୁଛନ୍ତି। ଏହି ଅବସରରେ ଉପସ୍ଥିତ ଅଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଯୁଜି ଚହଲଙ୍କ କ୍ୟାରିୟରକୁ ବରବାଦ କରିଦେଲା ବିସିସିଆଇ !

**ନୂଆଦିଲ୍ଲୀ**

ଏକଦା ଭାରତୀୟ ଟିମ୍‌ର ପ୍ରମୁଖ ସଦସ୍ୟ ଥିଲେ ଯୁଜଭେନ୍ଦର ଚହଲ ଓରଫ ଯୁଜି ଚହଲ। ଦିନିକିଆ ଠାରୁ ଆରମ୍ଭ କରି ଟି-୨୦ ଅନ୍ତର୍ଜାତୀୟରେ ଚହଲ ପ୍ରଥମ ପସନ୍ଦର ଖେଳାଳି ଭାବେ ଗଣା ହେଉଥିଲେ। କୁଲଦୀପ ଯାଦବ ଓ ଯୁଜି ଚହଲ ଯୋଡ଼ି କୁଲଚା ଯୋଡ଼ି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ଟି-୨୦ରେ ପ୍ରଥମ ଭାରତୀୟ ଭାବେ ୬ ୱିକେଟ ନେବାର ରେକର୍ଡ ମଧ୍ୟ ଚହଲଙ୍କ ନାଁରେ ରହିଛି। ହେଲେ ୨୦୨୩ ପରଠାରୁ କୌଣସି କାରଣ ନଥାଇ ଚହଲଙ୍କୁ ବିସିସିଆଇ ଆଉ ଭାରତୀୟ ଟିମ୍‌ରେ ଚୟନ କରୁନାହିଁ। ୨୦୧୯ ଦିନିକିଆ ବିଶ୍ୱକପରେ ଚହଲ ୧୨ଟି ୱିକେଟ ନେଇଥିଲେ। ୨୦୨୩ ଦିନିକିଆ ବିଶ୍ୱକପ ଭାରତରେ ଖେଳା ଯାଉଥିଲେ ହେଁ ଚହଲଙ୍କୁ ଆଦୌ ବିଚାରକୁ ନିଆ ଗଲା ନାହିଁ। ଅବଶ୍ୟ ୨୦୨୪ ଟି-୨୦ ବିଶ୍ୱକପ ବିଜୟୀ ସ୍କ୍ୱାଡ୍‌ରେ ଚହଲ ରହିଥିଲେ। କିନ୍ତୁ ତାଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳିନାହିଁ। ଏହାପରେ ଖେଳାଯାଇଥିବା ଏକାଧିକ ଦ୍ୱିପାକ୍ଷିକ ସିରିଜରେ ମଧ୍ୟ ଚହଲଙ୍କୁ ଚୟନ କରାଯାଇ ନାହିଁ। ନିକଟରେ ବିସିସିଆଇ ଚାମ୍ପିୟନ୍ସ ଟ୍ରଫି ପାଇଁ ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରିଥିଲା। ଏଥିରେ ୪ ଜଣ ସ୍ପିନର- ଅକ୍ଷର ପଟେଲ, ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଛି। ହେଲେ ଗୌତମ ଗମ୍ଭୀର ଓ ଅଜିତ ଅଗରକରଙ୍କ ଯୋଡ଼ି ବିନା କୌଣସି କାରଣରେ ଯୁଜିଙ୍କ ଭଳି ଲେଗ୍ ସ୍ପିନରଙ୍କୁ ଚୟନକୁ ଟିମ୍‌ରେ ଚୟନ କରିନାହାନ୍ତି। କ୍ରିକେଟ ପଣ୍ଡିତମାନେ କହୁଛନ୍ତି ଯେ ଚହଲଙ୍କ କ୍ୟାରିୟରକୁ ବିସିସିଆଇ ଓ ଟିମ୍ ମ୍ୟାନେଜମେଣ୍ଟ ବିନା କାରଣରେ ଶେଷ କରି ଦେଇଛି। ଆଗକୁ ମଧ୍ୟ ତାଙ୍କୁ ଆଉ ଭାରତୀୟ ଟିମ୍‌ରେ ଚୟନ କରାଯିବ ନାହିଁ।

# ଟିମ୍ ଇଣ୍ଡିଆ ଜର୍ସିରେ ରହିବ ପାକିସ୍ତାନର ନାମ : ବିସିସିଆଇ

**ନୂଆଦିଲ୍ଲୀ**

ଫେବୃୟାରୀରୁ ଆରମ୍ଭ ହେବାକୁ ଯାଉଛି ଚାମ୍ପିୟନ୍ସ ଟ୍ରଫି ୨୦୨୫। ପାକିସ୍ତାନ ଏହି ଆଇସିସି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିବାର ଅଧିକାର ପାଇଛି। କିନ୍ତୁ ଭାରତ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବ ନାହିଁ। ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ।

ପାକିସ୍ତାନ ପ୍ରଥମେ ରାଜି ହେଉ ନଥିଲେ ହେଁ ଅଇସିସି ଚାପରେ ହାଇବ୍ରିଡ୍ ମଡେଲରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ରାଜି ହୋଇଛି। ସେହିପରି ଚାମ୍ପିୟନ୍ସ ଟ୍ରଫି କ୍ୟାପ୍ଟେନ୍ସ ମିଟ୍‌କୁ ନେଇ ପାକିସ୍ତାନ ନୂଆ ବିବାଦ ସୃଷ୍ଟି କରିଛି। ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ସମସ୍ତ ୮ ଦଳର ଅଧିନାୟକଙ୍କୁ ନେଇ ପାକିସ୍ତାନରେ ଫଟୋ ସେସନ୍ସ ହେବ। କିନ୍ତୁ ଏଥିରେ ସାମିଲ ହେବାକୁ ଭାରତର ଅଧିନାୟକ ରୋହିତ ଶର୍ମା ପାକିସ୍ତାନ ଯିବେ ନାହିଁ ବୋଲି ବିସିସିଆଇ କହିବା ପରେ ପାକିସ୍ତାନ ଖପ୍ପା ହୋଇଛି। ଏସବୁ ଭିତରେ ବିଭିନ୍ନ ଗଣମାଧ୍ୟମରେ ବି







ଖବର ପ୍ରକାଶ ପାଇଛି ଯେ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଟିମ୍ ପିନ୍ଧିବାକୁ ଥିବା ଜର୍ସିରେ ନିୟମ ଅନୁସାରେ ଆୟୋଜକ ଦେଶ ପାକିସ୍ତାନର ନାଁ ମଧ୍ୟ ଉଲ୍ଲେଖ କରିବ ନାହିଁ। ଏହାକୁ ନେଇ ପାକିସ୍ତାନ ଚିନ୍ତାରେ ଥିବା ବେଳେ ବିସିସିଆଇ ଇସ୍‌ଲାମାବାଦକୁ ଆଶ୍ୱସ୍ତ କରିଛି। ଚାମ୍ପିୟନ୍ସ ଟ୍ରଫି ଜର୍ସିରେ ଟୁର୍ଣ୍ଣାମେଣ୍ଟର ଲୋଗୋ ସହ ଭାରତୀୟ ଦଳ ପାକିସ୍ତାନର ନାଁ ଉଲ୍ଲେଖ କରିବ ବୋଲି ବିସିସିଆଇ କହିଛି। ଏହାର ଅର୍ଥ ଭାରତୀୟ ଖେଳାଳିଙ୍କ ଛାତିରେ ପାକିସ୍ତାନର ନାଁ ରହିବ।

ଜର୍ସି ଉପରେ ରହିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ୨୦୨୫ ଲୋଗୋରୁ ପାକିସ୍ତାନର ନାଁ ହଟାଇବାକୁ ବିସିସିଆଇ ଚାହୁଁଥିବା ଖବରକୁ ସଂସ୍ଥାର ସମ୍ପାଦକ ଦେବଜିତ ସାଇକିଆ ବୁଧବାର ଖଣ୍ଡନ କରିଛନ୍ତି। ସେ ପୂରା ପ୍ରକରଣ ଉପରେ ସ୍ପଷ୍ଟୀକରଣ ରଖି କହିଛି ଯେ ଭାରତୀୟ ଟିମ୍ ଓ କ୍ରିକେଟ ବୋର୍ଡ ଟୁର୍ଣ୍ଣାମେଣ୍ଟରେ ଆଇସିସିର ନିର୍ଦ୍ଦେଶନାମାକୁ ମାନିବାକୁ ପ୍ରତିଶ୍ରୁତିବଦ୍ଧ। ପାକିସ୍ତାନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଅଧିକାର ପାଇଛି ଓ ଚାମ୍ପିୟନ୍ସ ଟ୍ରଫି ୨୦୨୫ ଲୋଗୋରେ ପାକିସ୍ତାନର ନାଁ ରହିବ।

ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରସ୍ତୁତ କରିଥିବା ଗାଇଡ୍‌ଲାଇନ୍‌କୁ ବିସିସିଆଇ ପାଳନ କରିବ। ଜର୍ସିର ଲୋଗୋ ଠାରୁ ଆରମ୍ଭ କରି ଅନ୍ୟ ସବୁ ନିୟମକୁ ପାଳନ କରାଯିବ। ଗାଇଡ୍ ଲାଇନ୍‌କୁ ଭାଙ୍ଗିବା ପାଇଁ କେବେ ହେଲେ ବିସିସିଆଇ ଚିନ୍ତା କରନି। ତେଣୁ ମିଡିଆରେ କ'ଣ ସବୁ ଚାଲିଛି, ସେସବୁ ମୁଁ ଦେଖୁଛି। ସେମାନେ ଏସବୁ ଖବର କେଉଁଠୁ ପାଉଛନ୍ତି ମୁଁ ଜାଣନି। କିନ୍ତୁ ବିସିସିଆଇ ନିୟମ ଭାଙ୍ଗିବାକୁ କେବେ ଲକ୍ଷ୍ୟ ରଖିନି। ବିସିସିଆଇ ଡ୍ରେସ୍ କୋଡ୍‌କୁ ପାଳନ କରିବ ବୋଲି ସେ କହିଛନ୍ତି।

ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଲଢ଼େଇରୁ ମ୍ୟାଚ୍ ଆରମ୍ଭ ହେବ। ଭାରତ ୨୦ ତାରିଖରୁ ଦୁବାଇରେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରୁ ତା'ର ଅଭିଯାନ ଆରମ୍ଭ କରିବ। ଫେବୃୟାରୀ ୨୩ରେ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା ହେବ। କାରଣ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଶେଷ ଗ୍ରୁପ ମ୍ୟାଚ୍ ଭାରତ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଯଦି ଭାରତ ସେମିଫାଇନାଲ ଓ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ, ତା'ହେଲେ ଦୁବାଇରେ ହିଁ ମ୍ୟାଚ୍ ଖେଳିବ।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ 'ଜଳବାୟୁ କୁଶଳ କୃଷି : ସ୍ଥାୟୀତ୍ୱ ପାଇଁ ନବସୃଜନ ଏବଂ ଗ୍ରହଣ' ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଉମ-ଜଳବାୟୁ କୁଶଳ କୃଷି : ସ୍ଥାୟୀତ୍ୱ ପାଇଁ ନବସୃଜନ ଏବଂ ଗ୍ରହଣ ( ସିଏ.ସ.ଏ.:ଆଇ.ଏ.ସ ୨୦୨୫) ଶୀର୍ଷକ ଜାତୀୟ ସମ୍ମିଳନୀ ଆଜି ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି ପରିସରରେ ଉଦଘାଟିତ ହୋଇଛି। ଏହି ତିନି ଦିନିଆ, ୨୧ ଜାନୁଆରୀରୁ ୨୩ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ, ଜାତୀୟ କାର୍ଯ୍ୟକ୍ରମ ସାରା ଦେଶରୁ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଅଂଶୀଦାରମାନଙ୍କ ପାଇଁ କୃଷି କ୍ଷେତ୍ରରେ ନୂତନତମ ଉଦ୍ଭାବନ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ, ସେଗୁଡ଼ିକୁ ଗ୍ରହଣ କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ। ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇ, ଏହି ସମ୍ମିଳନୀରେ ଜଳବାୟୁ-କୁଶଳ କୃଷି (ସି.ଏସ.ଏ), କୃଷି ୫.୦ସ୍ଥାୟୀ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପଦ୍ଧତି ଏବଂ କୃଷି ଯାନ୍ତ୍ରିକୀକରଣରେ ଉନ୍ନତି ଭଳି ପ୍ରମୁଖ ବିଷୟଗୁଡ଼ିକ ବିସ୍ତାରିତ କରାଯିବ। ଏହା ସହିତ ଜଳବାୟୁ-ସ୍ଥାପକ ପ୍ରଣାଳୀ ସୃଷ୍ଟି କରିବାରେ ପଶୁପାଳନ, ମତ୍ସ୍ୟପାଳନ ଏବଂ କୃଷି ବନୀକରଣ ଭଳି ସହଯୋଗୀ କ୍ଷେତ୍ରର ଭୂମିକା ବିଷୟରେ ଆଲୋଚନା କରିବ। ଏହି କାର୍ଯ୍ୟକ୍ରମ ଭାରତର ବିବିଧ କୃଷି-ପରିବେଶିକ କ୍ଷେତ୍ରଗୁଡ଼ିକରେ ଜଳବାୟୁ କୁଶଳ- ଅଭ୍ୟାସଗୁଡ଼ିକୁ ମାପ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, କ୍ଷମତା ନିର୍ମାଣ ଏବଂ ସ୍ଥାୟୀ ବ୍ୟବସାୟ ଗଠନ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେବ। ଏହି ସମ୍ମିଳନୀରେ ଜଳବାୟୁର ସମସ୍ୟା, ମୁକାବିଲାରେ ଖାଦ୍ୟ ସୁରକ୍ଷା ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସମାଧାନ ଏବଂ ରଣନୀତି ଉପରେ ଆଲୋଚନା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ।

ଉଦ୍‌ଘାଟନୀ ଅଧିବେଶନରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ସମ୍ମିଳନୀ ବିଷୟବସ୍ତୁ ଏବଂ ଆଇ.ସି.ଏ. ଆର. ପଦକ୍ଷେପଗୁଡ଼ିକର ଏକ ଛୋଟ ଭିଡିଓ ବଜାଇ, ପରେ ଦୀପ ପ୍ରଜ୍ଜ୍ୱଳନ ଏବଂ ଏକ ଆତ୍ମାପୂର୍ଣ୍ଣ ଓଡ଼ିଶା ରାଜ୍ୟ ସଙ୍ଗୀତ ଦ୍ୱାରା ଏକ ଶୁଭ ପରିବେଶ ସୃଷ୍ଟି ହୋଇଥିଲା। ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ଏହି ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ସମ୍ମିଳନୀର ସାରାଂଶ ପୁସ୍ତକ ଏବଂ ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟ ତିନୋଟି ପୁସ୍ତକର ଉନ୍ମୋଚନ। ସମ୍ମିଳନୀର ଆୟୋଜକ ସଚିବ ଡଃ ପ୍ରୀତାଭଦ୍ରା ତାଙ୍କ ଭାଷଣରେ ବିଶିଷ୍ଟ ବ୍ୟକ୍ତି, ଅତିଥି ଏବଂ ଅଂଶଗ୍ରହଣ କାରୀମାନଙ୍କୁ ସ୍ୱାଗତ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗବେଷଣା ସହଯୋଗ ପାଇଁ ଏକ ମଞ୍ଚ ଭାବରେ ଏହାର ଗୁରୁତ୍ୱ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ।

ପ୍ରଫେସର ଆର.ସି. ଅଗ୍ରୱାଲ, ଡିଡିଜି (ଶିକ୍ଷା), ଆଇ.ସି.ଏ. ଆର. ନୂଆଦିଲ୍ଲୀ ମୁଖ୍ୟ ଅତିଥି ଭାବେ ଭାଷଣ ପ୍ରଦାନ କରିଥିଲେ। ଅଧିବେଶନରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ପ୍ରଫେସର ସାଗର ମୈତ୍ର, (ପ୍ରଶାସକ) ଏମ୍.ଏସ୍. ସ୍ୱାମୀନାଥନ୍ କୃଷି ମହାବିଦ୍ୟାଳୟ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଏବଂ ପ୍ରଫେସର ଅନିତା ପାତ୍ର, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳସଚିବ। ସେମାନେ ସ୍ଥାୟୀତ୍ୱ ପାଇଁ ଜଳବାୟୁ କୁଶଳ କୃଷି ଏବଂ ନବସୃଜନ ଗ୍ରହଣର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ପ୍ରଫେସର ପ୍ରଶାନ୍ତ ମହାନ୍ତି, କୁଳପତି, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଆନ୍ଧ୍ର ପ୍ରଦେଶ, ଧନ୍ୟବାଦ ଅର୍ପଣ କରି ଅଧିବେଶନ ଶେଷ କରିଥିଲେ।



ବୁଧବାର ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରର ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କ ସହ ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନ ନେଇ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଦିଲ୍ଲୀ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡା ଆଲୋଚନା କରୁଛନ୍ତି।

ବାରିପଦା ପୌରପାଳିକା
ବାରିପଦା, ମୟୂରଭଞ୍ଜ-୭୫୭୦୦୧
Tel-06792-252703
Websie : www.baripadamunicipalty.in
e-mail: baripadam.hud@nic.in

ସଂଖ୍ୟା ୩୧୬ / ତା ୧୮.୦୧.୨୦୨୫ ରିଖ
C-1526

**ବିଜ୍ଞାପନ**

ଏତଦ୍ୱାରା ବାରିପଦା ପୌରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପୌରପରିଷଦର ନିଷ୍ପତ୍ତିକ୍ରମେ ଶରତ ଚନ୍ଦ୍ର ବିଦ୍ୟାପୀଠ ପଛ ପାଖରେ ନୂତନ ଭାବେ ତିଆରି ହୋଇଥିବା ୧୮ ଗୋଟି ଦୋକାନ ଘର ଓ ଶ୍ରୀମା ଅରବିନ୍ଦ କଲେଜ ନିକଟରେ ନୂତନ ଭାବେ ତିଆରି ହୋଇଥିବା ୧୨ ଗୋଟି ଦୋକାନ ଘର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିମାନେ ତା.୨୩.୦୧.୨୦୨୫ ଠାରୁ ୨୧.୦୨.୨୦୨୫ରିଖ ୪.୦୦ ଘଟିକା ସୁଦ୍ଧା (କେବଳ କାର୍ଯ୍ୟାଳୟ ଦିବସମାନଙ୍କରେ) ଫର୍ମ ଖରିଦ କରି ଆବେଦନ କରିପାରିବେ। ଉପରୋକ୍ତ ନିର୍ଦ୍ଧାରିତ ଦିନ ଏବଂ ସମୟ ପରେ କୌଣସି ଆବେଦନକାରୀଙ୍କ ଠାରୁ ଫର୍ମ ଗ୍ରହଣ କରାଯିବ ନାହିଁ। ସବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ବାରିପଦା ପୌରପାଳିକା ୱେବସାଇଟ୍ www.baripadamunicipality.inରେ ଦେଖିପାରିବେ।

ସ୍ୱା/-କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13078/11/0022/2425 ବାରିପଦା, ପୌରପରିଷଦ

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଏକ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ, କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ । ଏକ ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ବିକଶିତ ଏହି ଡାସବୋର୍ଡ ସେମାନଙ୍କର ମୌଳିକ ସ୍ତରରେ ଖଣି କାର୍ଯ୍ୟକୁ ଟ୍ରାକ୍ କରିବା ପାଇଁ ପ୍ରଥମ ନୀତି ପଦ୍ଧତିର ଉପଯୋଗ କରେ । ଏହା ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ୍) ମାଧ୍ୟମରେ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ଯୋଜନାବଦ୍ଧ ଏବଂ ବାସ୍ତବ ବ୍ୟୟ ହ୍ରାସ ହାର, କୋଇଲାର ସଠିକ ଆକଳନ, ବ୍ୟାପକ ଯନ୍ତ୍ରପାତି ବ୍ୟବହାର, ପ୍ରେରଣ ଏବଂ ମହଜୁଦ ଗୁଣବତ୍ତା ବିଶ୍ଳେଷଣକୁ ମାପିଥାଏ । ଜାମଖାନି କୋଇଲା ଖଣି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଏବଂ ଓଡ଼ିଶାର ପ୍ରଥମ ଘରୋଇ ଗ୍ରୀନଫିଲ୍ଡ ଖଣି । ଏହି ଖଣି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଏବଂ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ବେଦାନ୍ତର ଝାରସୁଗୁଡ଼ା କାରଖାନାର କୋଇଲା ଆବଶ୍ୟକତା ପୂରଣ କରୁଛି। ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧିରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି "ଆମର ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡ ଡିଜିଟାଲାଇଜେସନ୍ ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି । ଏହା ଆମ ଟିମ୍ କାର୍ଯ୍ୟକୁ ଅନୁକୂଳ କରିବାକୁ ସଶକ୍ତ କରେ ଏବଂ ନିରନ୍ତର ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରେ, ଯାହା ଦ୍ୱାରା ପରିଚାଳନା ଦକ୍ଷତା ବୃଦ୍ଧି ପାଇଥାଏ। ବେଦାନ୍ତ ଆଲୁମିନିୟମର କୋଇଲା ଖଣିର ସିଇଓ ଡେଭିଡ ଷ୍ଟୋନ କହିଛନ୍ତି, "ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡକୁ ବିକଶିତ କରାଯାଇଛି ଏବଂ ଏହା ବେଦାନ୍ତର ଆମର ମୂଲ୍ୟ ଶୃଙ୍ଖଳାରେ ଡିଜିଟାଲ ଉପକରଣଗୁଡ଼ିକୁ ସମନ୍ୱିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ ଥିଲା । ଭବିଷ୍ୟତର ଅଗ୍ରଗତି, ଯେପରିକି ଏସଏପି ଏକୀକରଣ ଏବଂ ଫ୍ଲିଟ୍ ମ୍ୟାନେଜମେଣ୍ଟ ପରିଚାଳନାର ସଠିକତା ଏବଂ ସ୍ଥାୟୀତାକୁ ଆହୁରି ଉନ୍ନତ କରିବ। ବେଦାନ୍ତର କୋଇଲା ଖଣି ବ୍ୟବସାୟ ଉନ୍ନତ ଜ୍ଞାନକୌଶଳକୁ କେନ୍ଦ୍ର କରି ଡିଜିଟାଲ-ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଏହାର ଡିଜିଟାଲ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ବ୍ୟବସାୟ ପ୍ରକ୍ରିୟାଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ସହଯୋଗ ବୃଦ୍ଧି କରିବା ଏବଂ ଶିକ୍ଷଣ ଏବଂ ଉଦ୍ଭାବନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଅଭିନବ ଡିଜିଟାଲ୍ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଡ୍ରୋନ୍ ବ୍ୟବହାର କରି ବ୍ଲାଷ୍ଟିଂ ଜୋନ୍ କ୍ଲିୟରାନ୍ସ: ବ୍ଲାଷ୍ଟିଂ ଅପରେସନ୍ ସମୟରେ କର୍ମଚାରୀ, ଯନ୍ତ୍ରପାତି ଏବଂ ପଶୁସମ୍ପଦର ନିରାପତ୍ତା ସୁନିଶ୍ଚିତ କରି ବ୍ୟାପକ ଅଞ୍ଚଳକୁ ବ୍ୟାପ୍ତ କରିବା ଏବଂ ବିପଦଜନକ ସ୍ଥାନ ଠାରୁ ଦୁରେଇ ରଖିବ । ଗ୍ଲୋକାମ, ଯାନ ବୁକିଂ ଆପ୍: ପ୍ରଶାସନିକ ଯାନଗୁଡିକର ଦୈନନ୍ଦିନ ବ୍ୟବହାରକୁ ବୁକିଂ, ଟ୍ରାକିଂ ଏବଂ ତଦାରଖ କରିବା ପାଇଁ ଏକ ଜିପିଏସ୍-ସକ୍ଷମ ଆପ୍-ଆଧାରିତ ବ୍ୟବସ୍ଥା। ଏହା ଯାନବାହନ ବୁକିଂ ଏବଂ ପ୍ରଶାସନିକ ଅନୁମୋଦନକୁ ସୁବ୍ୟବସ୍ଥିତ କରିଥାଏ, ପରିଚାଳନା ଦକ୍ଷତା ବୃଦ୍ଧି କରିଥାଏ । ଦୁର୍ଘଟଣା ଏଡ଼ାଇବା ବ୍ୟବସ୍ଥା: ଅନ୍ୟ ଗାଡି ନିକଟରେ ଥିବା ସମୟରେ ଚାଳକମାନଙ୍କୁ ସତର୍କ କରାଇ ପରିଚାଳନାଗତ ନିରାପତ୍ତା ବଢ଼ାଇଥାଏ, ଯାହା ଦୁର୍ଘଟଣାକୁ ରୋକିବାରେ ସାହାଯ୍ୟ କରିଥାଏ । ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ: ଖଣିରୁ ଷ୍ଟକୟାର୍ଡ ପର୍ଯ୍ୟନ୍ତ କୋଇଲା ପରିବହନ ଟ୍ରାକିଂ ପାଇଁ ଜିପିଏସ୍ ଏବଂ ଜିଓଫେନସିଂ ଟେକ୍ନୋଲୋଜିର ଉପଯୋଗ କରି ଟ୍ରିପ୍ ଗଣନାରେ ମାନୁଆଲ୍ ତ୍ରୁଟି ଦୂର କରେ, ସଠିକ୍ କୋଇଲା ଟ୍ରିପ୍ ହିସାବ ସୁନିଶ୍ଚିତ କରେ। କଣ୍ଟ୍ରାକ୍ଟ ମ୍ୟାନପାୱାର ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମଏମଏସ): ବାୟୋମେଟ୍ରିକ୍ ସିଷ୍ଟମ ମାଧ୍ୟମରେ ଉପସ୍ଥାନକୁ ନିରବଚ୍ଛିନ୍ନ ଭାବରେ ଟ୍ରାକିଂ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଉପସ୍ଥିତି ଏବଂ ଗେଟ୍ ପ୍ରବେଶକୁ ସରଳ କରିଥାଏ ।







ଭୁବନେଶ୍ୱର : ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ପାଇଁ ଗାନ୍ଧି ମାର୍ଗରେ ଚାଲିଛି ପରେଡ୍ ଅଭ୍ୟାସ। (ଫଟୋ : ସମ୍ବାଦ କଳିକା)

# ଛାତ୍ର ଜୀବନର ବନ୍ଧୁତା ପରିଣତ ବୟସରେ ଶାନ୍ତି ଆଣିଦେଇଥାଏ



**ଭୁବନେଶ୍ୱର, ୨୨।୦୧ :ନ୍ୟୁଜ୍‌ବ୍ୟୁରୋ**

ଛାତ୍ର ଜୀବନରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ତଥା ପାରସ୍ପରିକ ସ୍ନେହ ଓ ପ୍ରୀତି ପରିଣତ ବୟସରେ ଅଧିକ ମାନସିକ ଶାନ୍ତି ଆଣିଦେଇଥାଏ। ଛାତ୍ର ଜୀବନର ଅନୁଭୂତି, ଅନୁଭବ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ପ୍ରତ୍ୟେକଟି ସ୍ମୃତି ପରିଣତ ବୟସରେ ଅଧିକ ଉଜ୍ଜିବିତ ହୋଇଥାଏ। ଏଥିସକାଶେ ଅଧିକରୁ ଅଧିକ ସଂଗଠନ କରାଗଲେ ପରିଣତ ବୟସରେ ଜୀବନ ଜିଇବାର ପଥ ପରିଷ୍କୃତ ହୋଇ ସରଳ, ନିରାଡ଼ମ୍ବର ଜୀବନ ଆଗେଇ ନେବାରେ ସହାୟକ ପରିସ୍ଥିତି ସୃଷ୍ଟି କରିଥାଏ ବୋଲି ମତ ପ୍ରକାଶ ପାଇଛି।

ଗତ ୨୨ ତାରିଖ ଦିନ ଭୁବନେଶ୍ୱର ଏକାମ୍ରକାନନ (ସହକାରୀ ଉଦ୍ୟାନବିତ୍ କାର୍ଯ୍ୟାଳୟ ପରିସର) ଠାରେ ୧୯୮୧-୮୩ ବ୍ୟାଚର ବାଣୀବିହାର ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ପରିଣତ ବୟସରେ ଏହିସବୁ ଛାତ୍ରଛାତ୍ରୀମାନେ ଛାତ୍ର ଜୀବନର ମଧୁର ଓ ତିକ୍ତ ଅନୁଭୂତି ତଥା ସ୍ମୃତିକୁ ନିଜ ମାନସପଟରୁ ସାଉଣ୍ଟି ଆଣି ସ୍ୱକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ବନ୍ଧୁମିଳନରେ ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ଉତ୍କର୍ଷତା ଲାଭ କରି ଅବସର ନେଇ ଆସିଥିବା ବନ୍ଧୁ ଓ ବାନ୍ଧବୀମାନେ ଛାତ୍ରଜୀବନରୁ ଏ ପର୍ଯ୍ୟନ୍ତ ଯେଉଁଭଳି ପରିସ୍ଥିତି ଦେଇ ପରିଣତ ବୟସରେ ଉପନୀତ ହୋଇଛନ୍ତି ସାବଲୀଳ ଭାଷାରେ ତାହା ଉପସ୍ଥାପନ କରିଥିଲେ। ସ୍ୱକୀୟ ବିକାଶରେ ବିକଶିତ ତଥା ଉଦ୍‌ଭାସିତ ଏହିସବୁ ବନ୍ଧୁ ଓ ବାନ୍ଧବୀମାନେ ଉଲ୍ଲସିତ ହୃଦୟରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ପରିଣତ ବୟସରେ ସମଭାବାପନ୍ନ ଛାତ୍ର ଓ ଛାତ୍ରୀମାନେ ସୁସ୍ଥ ରହିବା ପାଇଁ ସୁସଙ୍ଗ ଓ ସକରାତ୍ମକ ଚିନ୍ତାଧାରା ଯେ ଏକମାତ୍ର ଉପାୟ ସେନେଇ ସର୍ବସମ୍ମତ ଭାବରେ ମତପ୍ରକାଶ କରିଥିଲେ। ଏହି ବନ୍ଧୁମିଳନରେ ଶତାଧିକ ବନ୍ଧୁ ଓ ବାନ୍ଧବୀ ଭାରତର ବିଭିନ୍ନ ଅନୁକୋଣରୁ ଆସି ଏଠାରେ ଉପସ୍ଥିତ ରହି ନିଜକୁ ଗୌରବାନ୍ୱିତ ମନେ କରିଥିଲେ। ଶ୍ରୀ ପ୍ରଦୋଷ ରଞ୍ଜନ ଦାସ ଏକାମ୍ର ହଟିକଲଚର ଉଦ୍ୟାନରେ ଆୟୋଜିତ ଏହି ବନ୍ଧୁମିଳନର ମୁଖ୍ୟ ଉଦ୍ୟୋକ୍ତା ଥିଲେ।

ଯେଉଁମାନେ ଏଥିରେ ଯୋଗ ଦେଇଥିଲେ ସେମାନେ ହେଲେ ଜୟାଶୀଷ ରାୟ, ମନ୍ମଥ କୁମାର ପାଣି, ପ୍ରଭାକର ବେହେରା, ସ୍ୱପ୍ନା ଜେନା, ଜୟ ପ୍ରକାଶ ପଟ୍ଟନାୟକ, ମୀନାକ୍ଷି ଆଚାର୍ଯ୍ୟ, ସାଗରିକା ସାମନ୍ତରାୟ, କବିତା ଛୋଟରାୟ, ଏମ୍.ଏମ ରହେମନ, ଡ. ନିରଞ୍ଜନ ତ୍ରିପାଠୀ, ସୁଧାଂଶୁ ସାମଲ, ଅନାଦି ଦାସ, ମନୋଜ ମିଶ୍ର, ଶିଶିର ନାୟକ, ସୁକାନ୍ତ ପତି, ଡ. ଗଙ୍ଗାଧର ନାୟକ, ରାଜ କୁମାର ସାହୁ, ଲକ୍ଷ୍ମଣ ସିଂହ, ମମତା ସାମଲ, ଗୀତା ଶତପଥୀ, ସଂଯୁକ୍ତା ମିଶ୍ର(ଦାଶ), ଗିରିଶ ମହାନ୍ତି, ମମତା ମିଶ୍ର, ଡ. ପ୍ରଦୀପ ନାୟକ, ବିଦ୍ୟୁତପ୍ରଭା ନାୟକ, ଦୀପ୍ତି ନନ୍ଦ, କବିଚନ୍ଦ୍ର ବେହେରା, ଗୌରାଙ୍ଗ ପତି, ପ୍ରତିମା ମିଶ୍ର, ଅବନୀ ସାହୁ, ବିଷ୍ଣୁ ସାମଲ, ତରୁଣ ମିଶ୍ର, ଜଗନ୍ନାଥ ଲେଙ୍କା, ପ୍ରମୋଦ କୁମାର ମେକାପ, ସନତ ମହାନ୍ତି, ଭଗବାନ ଚାନ୍ଦ, ସୁପ୍ରଭା ହାଜରା, ପ୍ରଶାନ୍ତ ମହାପାତ୍ର, ଶକ୍ତି ଆଚାର୍ଯ୍ୟ, ସିପ୍ରା ମହାପାତ୍ର, ଅନୁ ମହାରଣା, ସାଧନା ଶତପଥୀ, ଲଳିତେନ୍ଦୁ ପ୍ରଧାନ, ସଂଗ୍ରାମ ପଟ୍ଟନାୟକ, ସୁରେଖା ପତି, ଦୁର୍ଗା ବିଶ୍ୱାଳ, ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପାଲାର ଭବିଷ୍ୟତ ଓ ପ୍ରସାର ଉପରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଭା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା "ଆମ ରାଜ୍ୟରେ ପାଲାର ଭବିଷ୍ୟତ ଓ ପ୍ରସାର" ବିଷୟକୁ ଆଧାର କରି ଏକ ଆଲୋଚନା ଚକ୍ର ଆଭାସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟର ଶତାଧିକ ପାଲା କଳାକାରମାନେ ଯୋଗଦାନ କରିଥିଲେ। ପାଲାର ପୁରାତନ ଉଦ୍ୟୋକ୍ତା ଅନୁଷ୍ଠାନ ମାନଙ୍କୁ ସରକାରୀ ସାହାଯ୍ୟ, ପାଲାକୁ ଆଧାର କରି ରାଜ୍ୟର ସବୁ ପ୍ରାନ୍ତରେ ବିବିଧ କର୍ମଶାଳାର ଆୟୋଜନ, ବୟୋଜ୍ୟେଷ୍ଠ ପାଲା କଳାକାର ମାନଙ୍କୁ ଅଧିକ ଆର୍ଥିକ ସରକାରୀ ସାହାଯ୍ୟ



ମିଳିବା ଉଚିତ ବୋଲି ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଅଜୟ କୁମାର ବଡ଼ଜେନା, ନାରାୟଣ ମହାରଣା, ଅଭିମନ୍ୟୁ ନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ଶିବ ଚରଣ ଦ୍ୱିବେଦୀ, ସ୍ନେହଲତା ବେହେରା, କୃଷ୍ଣ ଚନ୍ଦ୍ର ମିଶ୍ର, ଫକୀର ବଡ଼ା, ବିଜୟ ସାମନ୍ତରାୟ ଓ ନାରାୟଣ ମିଶ୍ର ପ୍ରମୁଖ ବରିଷ୍ଠ ଗାୟକମାନେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ। ଅନ୍ୟ ପକ୍ଷରେ, ଶେଷଦେବ ଛତର, ହରେଶ ବାଗ, ଡଗରେସ୍ୱର ବାଗ, ଜ୍ୟୋତି ପ୍ରକାଶ ବାରିକ, ଚନ୍ଦନ ମିଶ୍ର, ନବଘନ ନାୟକ, ସତ୍ୟବ୍ରତ ଜେନା, ହରିହର ସ୍ୱାଇଁ, ଦୀପକ ନାୟକ, ତ୍ରିନାଥ ପ୍ରଧାନ ପ୍ରମୁଖ ଜିଲ୍ଲା ସଂଯୋଜକ ଏଥିରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ପ୍ରଥମେ ସ୍ୱାଗତ ଭାଷଣ ଡ. ମିହିର ପଟ୍ଟନାୟକ ଦେଇଥିବା ବେଳେ ସାମ୍ମୁଖ୍ୟ ଓ ଆବାହକ ରବି ନାରାୟଣ ନନ୍ଦ ସଭାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସଭା ସଞ୍ଚାଳନ କରିଥିଲେ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ସଭାର ପ୍ରାରମ୍ଭିକ ସୂଚନା ଗୌରାଙ୍ଗ ସାହୁ ଦେଇଥିବା ବେଳେ ସତ୍ୟବ୍ରତ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦ ପ୍ରସ୍ତାବକୁ କ୍ୟାବିନେଟ୍‌ର...

ପ୍ୟାକେଜକୁ କ୍ୟାବିନେଟ ଅନୁମୋଦନ ମିଳିଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, ଭାରତ ବର୍ଷରେ ପ୍ରଥମଥର ପାଇଁ ଓଡ଼ିଶାରେ ସେମିକଣ୍ଡକ୍ଟର ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ସବ୍‌ସିଡି ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ସେହିପରି ନୂଆ ସରକାର ରାଜ୍ୟରେ ନୂଆ ଯୋଜନା ହିସାବରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପ୍ରସ୍ତାବକୁ ୫ ବର୍ଷ ଯାଏ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗାଁର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ଏଥିପାଇଁ ନୂଆ ସରକାରର ପ୍ରଥମ ବଜେଟ୍‌ରେ ୧ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ଏହି ଯୋଜନା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ଏହାର ଅବଧି ସରକାରଙ୍କ ଦ୍ୱାରା ବୃଦ୍ଧି କରାଯାଇପାରେ । ଏହି ଯୋଜନା ପାଇଁ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଓଡ଼ିଶାରେ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର ଉତ୍ପାଦନ କାରଖାନା ପ୍ରତିଷ୍ଠା ନିମନ୍ତେ ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜକୁ ଅନୁମୋଦନ ମିଳିଛି । ଏଥିରେ ମୋଟ ୬୧୮ କୋଟି ଟଙ୍କାର ନିବେଶ କରାଯିବ ଏବଂ ପ୍ରକଳ୍ପକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ । ଏହା ଭାରତର ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ହେବ । ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଔଦ୍ୟୋଗିକ ଅଭିବୃଦ୍ଧି, ସ୍ଥାନୀୟ ଯୋଗାଣ ଶୃଙ୍ଖଳାର ବିକାଶ ଏବଂ ଦକ୍ଷତା ସୁଯୋଗକୁ ତ୍ୱରାନ୍ୱିତ କରି ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମରେ ଓଡ଼ିଶାକୁ ଏକ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବା ପାଇଁ ପ୍ରସ୍ତୁତି ବୋଲି କୁହାଯାଇଛି । ଏହାଦ୍ୱାରା ୭୫୦ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଛନ୍ତି ଯେ, କୃଷି ବିଭାଗ ସମ୍ପର୍କିତ ପ୍ରସ୍ତାବ ଅନୁସାରେ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବେ। ଏସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହି ଯୋଜନାରେ ରାଜ୍ୟର ୫୮ଟି ସବ୍ ଡିଭିଜନରେ ଅତି କମରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗ, ଟ୍ରାନ୍ସଜେଣ୍ଡର, ମହିଳା ହିତାଧିକାରୀଙ୍କ ପାଇଁ ନୂତନ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ସ୍ଥାୟୀ ପୁଞ୍ଜି ବ୍ୟୟର ୬୦ ପ୍ରତିଶତ କିମ୍ବା ସର୍ବାଧିକ ୬.୫୦ କୋଟି ଟଙ୍କା ରିହାତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ସାଧାରଣ ବର୍ଗଙ୍କୁ ଖର୍ଚ୍ଚର ୫୦ ପ୍ରତିଶତ ସର୍ବାଧିକ ୬ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯିବ । ଶୀତଳ ଭଣ୍ଡାର ୟୁନିଟ ଗୁଡ଼ିକୁ ଏପିସି କ୍ଲଷ୍ଟର ସହ ସଲଗ୍ନ କରାଯିବ । ଶୀତଳ ଭଣ୍ଡାର ସ୍ଥାପିତ ଅଞ୍ଚଳରେ କୃଷି ଉତ୍ପାଦନ କ୍ଲଷ୍ଟର ସ୍ଥାପନ କରାଯିବ । ଏହି ଯୋଜନାକୁ ୨୦୨୫-୨୬ରୁ ୨୦୨୯-୩୦ ଯାଏଁ ୫ ବର୍ଷ ଲାଗି ମୂଲ୍ୟାଙ୍କନ କରାଯାଇଛି ଏବଂ ଏଥିପାଇଁ ୨୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଖୁବ୍‌ଶୀଘ୍ର ୫ହଜାର ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରକ୍ରୀୟା ଆରମ୍ଭ କରାଯିବ। ସରକାରୀ ମେଡିକାଲ୍ କଲେଜ ହସ୍ପିଟାଲଗୁଡିକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ଗ୍ରାମାଞ୍ଚଳ ବିକାଶକୁ ନୂଆ ସରକାର ଗୁରୁତ୍ୱଦେଉଛନ୍ତି। ନିର୍ବାଚନ ପୂର୍ବରୁ ଆରମ୍ଭ କରାଯାଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳତା ଆଦୌ ନାହିଁ, ଏହା କେବଳ ଠିକାଦାରୀ କାରବାରରେ ଚାଲିଥିଲା। ପ୍ରକୃତ ଗାଁର ବିକାଶ ପାଇଁ ସେଭଳି କୌଣସି ପଦକ୍ଷେପ ନିଆଯାଇନଥିଲା। ଏବେ ନୂଆ ସରକାର ଗ୍ରାମ୍ୟ ଜୀବନକୁ ସରସସୁନ୍ଦର କରିବା ଏବଂ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହିତ କମ୍ୟୁନିଟି ସେଣ୍ଟର, ଖେଳ ପଡ଼ିଆ, କଲ୍ୟାଣ ମଣ୍ଡପ, ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଆଲୋକ, ଉନ୍ନତ ସଡକ ବ୍ୟବସ୍ଥା ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମ ହାତକୁ ନେବାକୁ ଯୋଜନା ରଖିଛନ୍ତି। ଗ୍ରାମ ସଭା ଜରିଆରେ ଆସନ୍ତା ୫ବର୍ଷ ପାଇଁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂ, ନିର୍ଦ୍ଦେଶକ ସରୋଜ ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ପରିଡାଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଏବେ ମଣିଷ ନୁହେଁ...

ବିକଶିତ କରାଯାଉ ଥିବା ରୋବଟ ଯୋଦ୍ଧା ବିଷୟରେ ଅଧିକ ସୂଚନା ଦେଇନାହାନ୍ତି, କିନ୍ତୁ ଏତିକି କହିଛନ୍ତି କି, ଇରାନୀ ସେନା ରବିବାର ରାତିରୁ ହିଁ ପୂର୍ବୋତ୍ତର ଇରାନରେ ହେଉଥିବା ଯୁଦ୍ଧ ଅଭ୍ୟାସରେ ଏହାର ମୁତୟନ କରିଛି, ଯେଉଁଠି ସେ (ରୋବଟ) ନିଜର ଦମ୍ ଦେଖାଇଛି। ଏହି ଯୁଦ୍ଧାଭ୍ୟାସରେ ଇସଲାମିକ ରିଭୋଲ୍ୟୁସନ ଗାର୍ଡ କାପର୍ସ, ସେନା ଓ ତଟରକ୍ଷୀ ବାହିନୀ ସମେତ ବିଭିନ୍ନ ପ୍ରକାରର ସେନା ସାମିଲ ଅଛନ୍ତି। କାମ୍ବେଟ୍ ରୋବଟ ବା ଫାଇଟର ରୋବଟ ଏକ ପ୍ରକାରର ଏମିତି ଯୁଦ୍ଧ ଗାଡ଼ି, ଯେଉଁଥିରେ ମଣିଷର ମୁତୟନ ହୁଏ ନାହିଁ। ଏହା ଭୂମି ହେଉ କି ଆକାଶ, ଉଭୟ କ୍ଷେତ୍ରରେ ନିଜର କାର୍ଯ୍ୟ ନିର୍ବାହ କରି ପାରେ। ଆକାଶରେ ପୂର୍ବରୁ ହିଁ ମାନବବିହୀନ ଡ୍ରୋନ (ୟୁଏଇ) ନିଜର କରିସ୍ମା ଦେଖାଉଛି ଏବଂ ନିକଟବର୍ତ୍ତୀ ଯୁଦ୍ଧ ଗୁଡ଼ିକରେ ଏହାର ବ୍ୟାପକ ସ୍ତରରେ ବ୍ୟବହାର ହୋଇଛି। ଇରାନ ମାନବ ରହିତ ଏୟାର ଭାଇକଲ ପରି ମାନବ ରହିତ ଗ୍ରାଉଣ୍ଡ ଭାଇକଲ (ୟୁଜିଭି)ର ବିକାଶ କରିଛି, ଯାହା ଯୁଦ୍ଧକୁ ଆଉ ପାଦେ ଆଗେଇ ଜୋରଦାର ହମଲା କରିଥାଏ। ଏହି ରୋବଟ ଫାଇଟର ମେସିନ୍ ସାଧାରଣ ଭାବେ ଅଟୋନୋମସ ରୋବଟ ପରିବର୍ତ୍ତେ ରିମୋଟ-ନିୟନ୍ତ୍ରିତ ଭାଇକଲ ହୋଇଥାଏ। ଏଥିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଇଛି, ଯାହା ରିୟଲ ଟାଇମ୍ ଡାଟା ଉପଲବଧ କରାଇ ଥାଏ। ଏହିପରି ଜାହାଜ ୟୁନିଟ୍‌ରେ ସଶସ୍ତ୍ର ତୋପଖାନା, ଡ୍ରୋନ୍ ଅପରେଟର ମେସିନ୍, ଇଲେକ୍ଟ୍ରୋନିକ୍ ଯୁଦ୍ଧ ୟୁନିଟ୍ ମଧ୍ୟ ସାମିଲ ଅଛି। ମାନବ ଯୋଦ୍ଧା ପରି , ରୋବଟ ଯୋଦ୍ଧା ଯୁଦ୍ଧ ମୈଦାନରେ ଶତ୍ରୁକୁ ଚିହ୍ନଟ କରିବା ଓ ଏହାର ଠିକଣା ଗୁଡ଼ିକୁ ଧ୍ୱଂସ ବିଧ୍ୱଂସ କରିବାରେ ସକ୍ଷମ ହୋଇଥାଏ। ଏହା କୌଣସି ବି ଭୌଗୋଳିକ କ୍ଷେତ୍ରରେ ଅପରେସନକୁ ସାକାର କରିପାରେ। ଅନେକ ଅଞ୍ଚଳରେ ଏହି ରୋବଟ ସୈନିକ ମାନବ ସୈନିକଙ୍କ ଠାରୁ ଅନେକ ଗୁଣ ଅଧିକ ଶକ୍ତି ପ୍ରୟୋଗ କରିପାରେ, କାରଣ ଏହାର ରକ୍ଷା କବଚ ଅଧିକ ଶକ୍ତିଶାଳୀ ହୋଇଥାଏ। ଏହି ରୋବଟ ଯୋଦ୍ଧାଙ୍କୁ ସାଧାରଣ ଭାବେ ନିର୍ମାଣ କରିବା ଅଧିକ କଠିନ ଓ ମହଙ୍ଗା ହୋଇଥାଏ।

## ଏସିଏସ୍ ପାହ୍ୟାଙ୍କୁ ପଦୋନ୍ନତି ...

ଶ୍ରୀ ଶର୍ମାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୪ ବ୍ୟାଚ୍ ଆଇଏଏସ୍ ରଞ୍ଜନା ଚୋପ୍ରାଙ୍କୁ ପ୍ରୋଫୋମା ପଦୋନ୍ନତି ଦିଆଯାଇଛି।

## ମାଓ ଅପରେସନ୍ ନେଇ...

ସରକାର । ସେପଟେ ସୁରକ୍ଷା ବାହିନୀଙ୍କୁ ମିଳିଚାଲିଛି ଗୋଟିଏ ପରେ ଗୋଟିଏ ବଡ଼ ସଫଳତା । ଛତିଶଗଡ ବିଜାପୁରରେ ମାଓବାଦୀଙ୍କ ଏକ ତାଲିମ ଶିବିରକୁ କବଜା କରିଛନ୍ତି ସୁରକ୍ଷା କର୍ମୀ । ନକ୍ସଲମୁକ୍ତ ଭାରତ ଦିଗରେ ସୁରକ୍ଷା ବହିନୀକୁ ବଡ଼ ସଫଳତା ମିଳିଛି । ଓଡିଶା ଛତିଶଗଡ ସୀମାନ୍ତବର୍ତ୍ତୀ କୁଲାଡିଘାଟ ଭାଲୁଡିଗି ଜଙ୍ଗଲରେ ଦୁଇ ଦିନରେ ୨୭ ଜଣ ମାଓବାଦୀ ନିହତ ହୋଇଛନ୍ତି । ସେଥିପାଇଁ ବୁଧବାର ନୂଆପଡା ଜିଲ୍ଲାକୁ ଗସ୍ତ କରିଥିଲେ ଓଡିଶା ପୋଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆ। ନୂଆପଡାରେ ପହଞ୍ଚି ସ୍ଥିତି ପରଖିବା ସହ ଜିଲ୍ଲା ପୋଲିସ ଆଧିକାରୀଙ୍କ ସହ ଅଧିକ ଆଲୋଚନା କରିଥିଲେ। ଉଭୟ ଛତିଶଗଡ ଓ ଓଡିଶା ରାଜ୍ୟର ଗରିଆବନ୍ଧ ଓ ନୂଆପଡା ସୁରକ୍ଷା ବାହିନୀ ପକ୍ଷରୁ ଆରମ୍ଭ ହୋଇଥିବା କମ୍ବିଂ ଅପରେସନରେ ୩୬ ଘଣ୍ଟା ପରେ ନୂଆପଡା ଏସ୍ଓଜି ଟିମ୍ ଏବଂ ଗରିଆବନ୍ଧ ସୁରକ୍ଷା ବାହିନୀ ୨୭ ଜଣଙ୍କ ମଧ୍ୟରୁ ମୋଟ ୧୭ ଜଣଙ୍କ ମୃତଦେହ ଠାବ କରିଥିଲେ । ସୂଚନା ଯୋଗ୍ୟ ଯେ, ନୂଆପଡା ଏସ୍‌ପି ନିଜ ସୋର୍ସରୁ ସୂଚନା ପାଇଥିଲେ। ସୂଚନା ପାଇ ମିଳିତ ଭାବେ ଅପରେସନ୍ ଆରମ୍ଭ ହୋଇଥିଲା । ଓଡିଶା, ଛତିଶଗଡ ପୋଲିସ ଓ ସିଆରପିଏଫ୍ ମିଳିତ ଭାବେ ଅପରେସନ୍ ଆରମ୍ଭ କରିଥିଲେ । ନକ୍ସଲ ପ୍ରବେଶ ସୂଚନା ପାଇ ଓଡିଶା-ଛତିଶଗଡ ପୋଲିସ ଓ ସିଆରପିଏଫ୍ ଯବାନ ମିଳିତ ଭାବେ ୧୯ତାରିଖରେ ଅପରେସନ୍ ଆରମ୍ଭ କରିଥିଲେ । ଆଉ ୨୦ ତାରିଖରେ ସଫଳତା ମିଳିଥିଲା । ଗୋଟିଏ ପରେ ଗୋଟିଏ ମାଓବାଦୀଙ୍କୁ ନିପାତ କରିଥିଲା ଟିମ୍ । ୨୧ତାରିଖ ସୁଦ୍ଧା ୧୪ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିଲା । ତେବେ ଏଥିରେ ୨ଯବାନ ଆହତ ହୋଇଛନ୍ତି । ଏବେ ବି ହାଇ ଆଲର୍ଟ ଜାରି ରହିଛି । ଓଡିଶା-ଛତିଶଗଡ ସୀମାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । କୌଣସି ବି ମାଓବାଦୀ ରାଜ୍ୟ ଭିତରକୁ ପଶିପାରିବେ ନାହିଁ । ଆଉ ୨୦ରୁ ୪୦ ମାଓବାଦୀ ଥିବା ଜଣାପଡିଛି । ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଏବେ ବି ସର୍ଚ୍ଚ ଅପରେସନ୍ ଜାରି ରହିଛି । କେମିତି ଥିଲା ମାଓ ଅପରେସନ୍ ଏନେଇ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ପୁଲିସ ଡିଜି ୱାଇ ବି ଖୁରାନିଆ ।

## ସୁଭଦ୍ରା ଯୋଜନାରେ...

'ସୁଭଦ୍ରା' ଯୋଜନାରେ ସାମିଲ ହୋଇପାରିବେ। ସରକାରୀ ସହାୟତା ବି ପାଇବେ । ଏ ମହତ୍ତ୍ୱାକାଂକ୍ଷୀ ଯୋଜନା ସହ ସେମାନେ ବାହାରେ ରହି ବି ଯୋଡ଼ି ହୁଅନ୍ତୁ। ରାଜ୍ୟ ବାହାରରେ ରହୁଥିବା ମହିଳାମାନେ ଶୀଘ୍ର ଏଥିପାଇଁ ଆବେଦନ କରିବାକୁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଗଞ୍ଜାମ, ମୟୂରଭଞ୍ଜ, ଦେବଗଡ଼, ଅନୁଗୁଳ, ସମ୍ବଲପୁର, ବଲାଙ୍ଗୀର, କୋରାପୁଟରେ ଅଧିକ ପେଣ୍ଡିଂ ଅଛନ୍ତି। ପ୍ରବାସୀ ମହିଳାମାନେ କାମ ପାଇଁ ବାହାରକୁ ଯାଇଛନ୍ତି। ସେମାନେ କେମିତି ପାଇବେ ସେଥିପାଇଁ ଚେଷ୍ଟା ଚାଲିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାନୁଯାୟୀ, ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ । ଏ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ପ୍ରାୟ ୮୦ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ଦେଲେଣି ରାଜ୍ୟ ସରକାର । ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ଯୋଜନାରେ ସାମିଲ କରି କୋଟିଏ ହିତାଧିକାରୀ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । କିନ୍ତୁ ଆକାଉଣ୍ଟରେ ତାଳମେଳ ନ ରହିବା, କେୱାଇସି ଅପଡେଟ୍, ଅଜାଣତରେ ଅପ୍‌ଡେଟ୍ ଆଉଟ ଭଳି କାରଣ ପାଇଁ ବହୁ ହିତାଧିକାରୀଙ୍କୁ ସାମିଲ କରି ହେଉନି । ଏହାକୁ ଆଖିରେ ରଖି ମହିଳାଙ୍କୁ ଆଉ ଥରେ ସୁଯୋଗ ଦେବାକୁ ଡିସେମ୍ବର ପରିବର୍ତ୍ତେ ଜାନୁଆରୀ ଶେଷ ସପ୍ତାହରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବାକୁ ସରକାର ସ୍ଥିର କରିଛନ୍ତି ।

## ଉତ୍କର୍ଷ ଓଡ଼ିଶା କନକ୍ଲେଭ...

ଜାନୁୟାରୀ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦଘାଟିତ ହେବ । ଶ୍ରୀ ଶର୍ମା କହିଛନ୍ତି ଯେ, ରାଜ୍ୟ ସରକାର ଚଳିତବର୍ଷ 'ଉତ୍କର୍ଷ ଓଡ଼ିଶା' କନକ୍ଲେଭରେ ଯୋଗ ଦେବା ପାଇଁ ଫର୍ଚ୍ୟୁନ୍ ତାଲିକାରେ ସାମିଲ ୪୦୦କମ୍ପାନୀ ମଧ୍ୟରୁ ୧୦୦କମ୍ପାନୀକୁ ନିମନ୍ତ୍ରଣ କରିଛନ୍ତି । ଏହି କନକ୍ଲେଭରେ ଦେଶର ପ୍ରମୁଖ ନିବେଶକ ଓ ଶିଳ୍ପପତିଙ୍କ ସମେତ ୧୨ଟି ରାଷ୍ଟ୍ର ଯଥା-ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ, ଜର୍ମାନୀ, ସିଙ୍ଗାପୁର, ମାଲେସିଆ, କ୍ୟୁବା ଓ ହଲାଣ୍ଡ ପ୍ରମୁଖ ଦେଶର ନିବେଶକ,ରାଷ୍ଟ୍ରଦୂତ ଓ ପ୍ରତିନିଧିମାନେ ଯୋଗ ଦେବେ । ଏହି ସବୁ ଦେଶ 'କଣ୍ଟ୍ରି ଅଫ ଫୋକସ୍' ରହିବାକୁ ନିମନ୍ତ୍ରଣ କରାଯାଇଛି । ଚଳିତଥର କନକ୍ଲେଭରେ ଆଇଟି, ଅକ୍ଷୟ ଶକ୍ତି, ବୟନଶିଳ୍ପ, କେମିକାଲସ, ଫୁଡ ପ୍ରୋସେସିଂ ଭଳି ୫ଟି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଶ୍ରୀ ଶର୍ମା କହିଥିଲେ। ୨୭ତାରିଖରେ ପ୍ରାକ୍ ଉତ୍କର୍ଷ ଓଡ଼ିଶା କନକ୍ଲେଭର ଅଂଶସ୍ୱରୂପ ସିଆଇଆଇ ନ୍ୟାସନାଲ କାଉନସିଲ'ର ୫ଟି ଅଧିବେଶନ ଆୟୋଜିତ ହେବ। ଯେଉଁଥିରେ ସିଆଇଆଇ ନ୍ୟାସନାଲ କାଉନସିଲ'ର ୨୦୦ ସଦସ୍ୟ ଯୋଗ ଦେବେ । ସେହିପରି ୨୮ତାରିଖ ପୂର୍ବାହ୍ନରେ ଉତ୍କର୍ଷ ଓଡ଼ିଶା କନକ୍ଲେଭକୁ ଆନୁଷ୍ଠାନିକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କନକ୍ଲେଭରେ ମୋଟ ୧୫ଟି ସ୍ୱତନ୍ତ୍ର ଅଧିବେଶନ ହେବ । ପ୍ରଥମ ଦିନରେ ୫ଟି ଓ ଦ୍ୱିତୀୟ ଦିନରେ ୧୦ଟି ଅଧିବେଶନ ଅନୁଷ୍ଠିତ ହେବ । ଉତ୍କର୍ଷ ଓଡ଼ିଶା କନକ୍ଲେଭର ଉଦ୍‌ଯାପନୀ ସମାରୋହରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ୨ଜଣ ଲେଖାଏଁ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ଶର୍ମା ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ବିଭାଗ ଏବଂ ଇପିକଲ୍‌ର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# କଟ୍‌ନି ଛଟ୍‌ନି କଲେ ତୁରନ୍ତ ସସ୍‌ପେଣ୍ଡ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ସୁରୁଖୁରୁରେ ଚାଲିଛି ଧାନ କିଣା। କଟ୍‌ନିଛଟ୍‌ନି ହେଉନି। କାଁ ଭାଁ ଯଦି କେଉଁଠି କିଛି ସମସ୍ୟା ହେଉଛି ତାକୁ ସମାଧାନ କରାଯାଉଥିବା କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବର୍ତ୍ତମାନ ସୁଦ୍ଧା ୭୨୦୮ କୋଟି ଟଙ୍କା ଚାଷୀଙ୍କୁ ଦିଆଯାଇଛି । ୩୪ ଲକ୍ଷ ୨୯ ହଜାର ମେଟ୍ରିକ ଟନ ଧାନ ବର୍ତ୍ତମାନ ସୁଦ୍ଧା ସରକାର କିଣି ସାରିଛନ୍ତି। ଯେଉଁଠି କଟ୍‌ନି ଛଟ୍‌ନି ଅଭିଯୋଗ ଆସୁଛି ସେଠି ତୁରନ୍ତ ଆକ୍ସନ ନିଆଯାଉଛି। ଯେଉଁମାନେ କରୁଛନ୍ତି ତାଙ୍କୁ ସସପେଣ୍ଡ କରିବାକୁ ମୁଁ କଡ଼ା ନିର୍ଦ୍ଦେଶ ଦେଇଛି। ବର୍ଷା କାରଣରୁ କିଛି ସ୍ଥାନରେ ଧାନ ଡିସକଲର ହୋଇ ଯାଇଛି। କ୍ଷତିପୂରଣ ପାଇଥିବା ଚାଷୀ ସେହି ଧାନକୁ ମଣ୍ଡିକୁ ନେଇ ଆସୁଥିବାରୁ ସମସ୍ୟା ହେଉଛି। ଖରାପ ଧାନ ମଣ୍ଡିକୁ ନଆଣିବାକୁ ଚାଷୀଙ୍କୁ ନିବେଦନ କରିଛନ୍ତି ଯୋଗାଣ ମନ୍ତ୍ରୀ।

# ଡ. ଆଦିତ୍ୟ କୁମାର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସହିଦନଗର ସାଂସ୍କୃତିକ ସମିତିର ସଭାପତି ଡ. ଆଦିତ୍ୟ କୁମାର ମହାନ୍ତିଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା କାରଣରୁ ଡ. ମହାନ୍ତିଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ବୁଧବାର ଭୋର୍ ୪ଟାରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ବିୟୋଗରେ ପରିବାର, ବନ୍ଧୁ ଓ ପରିଜନ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କର ମରଶରୀରରେ ସହିଦନଗର ସାଂସ୍କୃତିକ ସମିତିର କର୍ମକର୍ତ୍ତାମାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଡ. ମହାନ୍ତି ବନାରସ ହିନ୍ଦୁ ୟୁନିଭର୍ସିଟିରୁ ସ୍ନାତକୋତ୍ତର ଡିଗ୍ରୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ଲାଭ କରିଥିଲେ। ସେ ବହୁ ସମ୍ମାନଜନକ



ପଦପଦବୀରେ ଅଧିଷ୍ଠିତ ଥିଲେ। ଡ. ମହାନ୍ତି ପୁରୀ ଏସସିଏସ କଲେଜ, ଭୁବନେଶ୍ୱର ସ୍ଥିତ ବିଜେବି କଲେଜ, ରାଜଧାନୀ କଲେଜର ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପକ ଓ ରିଡ଼ର ଭାବେ ଦାୟିତ୍ୱ ବହନ କରିଥିଲେ। ଡ. ମହାନ୍ତି ମଧ୍ୟ ରମାଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ରୂପେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ଡ. ମହାନ୍ତି ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର ଡିପିଆଇ ଭାବେ ଅବସର ଗ୍ରହଣ କରିଥିଲେ।

ତାଙ୍କର ବିୟୋଗରେ ସହିଦନଗରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ଉଚ୍ଚ ଶିକ୍ଷା ବିଭାଗର ପୁରାତନ ଶିକ୍ଷକ ଓ ଛାତ୍ର ତାଙ୍କର ବାସଭବନରେ ଉପସ୍ଥିତ ଥିଲେ। ଏହାଛଡ଼ା ଅନେକ ଶୁଭେଚ୍ଛୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# କଣାସ ଝାଡ଼ାବାନ୍ତି ଘଟଣାରେ ବର୍ଷିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଣାସରେ ଝାଡ଼ାବାନ୍ତିରେ ୪ ଜଣଙ୍କ ଜୀବନ ଯାଇଥିବା ଘଟଣାରେ ସାମ୍ବାଦିକ ସମ୍ମିଳନୀ କରି ବର୍ଷିଛି ବିଜେଡି। ସରକାରଙ୍କ ନିଷ୍କ୍ରିୟତାକୁ ନେଇ ବିଜେଡି ପ୍ରେସମିଟରେ ଉମା ସାମନ୍ତରାୟ ଟାର୍ଗେଟ କରିଛନ୍ତି। ଚାରି ଜଣଙ୍କ ମୃତ୍ୟୁ ଘଟିବା ପରେ ବି ପ୍ରଶାସନ ନୀରବ । ଗାଁରେ ରୋଗୀଙ୍କ ଲାଗି ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମାନବିକତା ଉଦୟ ହେଉନାହିଁ। ୧୦ ଦିନ ପରେ ବି ପ୍ରଶାସନ ପାଲଟିଛି ସ୍ଥାଣୁ ହରଚଣ୍ଡୀ ପିଏଚସିରେ ଚାବି ପଡି ରହିଛି । ସରକାର ଆସିବା ଦିନୁ ଅନେକ ମେଡିକାଲରେ ଷ୍ଟାଫ ନାହାନ୍ତି କହି ସମାଲୋଚନା କରିଛନ୍ତି ଉମା ସାମନ୍ତରାୟ। ଉମା ସାମନ୍ତରାୟ କହିଛନ୍ତି ଯେ, ପୁରୀ ଜିଲ୍ଲା କଣାସ ବ୍ଲକରେ ହଇଜା ଯୋଗୁଁ ଅନେକ ମଲେଣି ଆଉ ଅନେକ ଅସୁସ୍ଥ ଅଛନ୍ତି। ଖବର ପାଇବା ପରେ ନବୀନ ପଟ୍ଟନାୟକ ମୋତେ କଣାସ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ସହ ଗତ ୧୦ ଦିନରୁ ସେଠାରେ ରହି ମୁଁ କାମ କରୁଛି। ପିଇବା ପାଣି ପର୍ଯ୍ୟାପ୍ତ ପହଞ୍ଚି ନାହିଁ। ବିଧାୟକ ଓ ସାଂସଦ ୧୦ ଦିନ ପରେ ଦିଲ୍ଲୀରୁ ଫେରି ସେହି ଅଞ୍ଚଳ ଗଲେ। ସେମାନେ ଲୋକେଙ୍କ ମୃତ୍ୟୁ ବେଳେ କୁଆଡେ ଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ହେଲାଣି। ଗାଁରୁ ତାଙ୍କୁ ଲୋକେ ଫେରାଇ ଦେଲେ। ସାକ୍ଷୀଗୋପାଳରୁ ଆମ୍ବୁଲାନସ ଆସୁଛି। ମୁଖ୍ୟମନ୍ତ୍ରୀ କି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମାନବିକତା ନାହିଁ ଯେ ସେ ସ୍ଥାନକୁ ଯିବାକୁ। ମେଡିକାଲରେ କେଶ ବଢୁଛି। ଚଣ୍ଡୀଉ ତାଲା ପଡିଛି। ଇଘଗ ସେଣ୍ଟର ଚାବି ପଡିଛି। ନୂଆ ସରକାର ଆସିବା ପରେ ଡାକ୍ତର କି ମେଡିକାଲ ଷ୍ଟାଫ ବି ନାହାନ୍ତି ।ସମବେଦନା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ଉମା ସାମନ୍ତରାୟ ଦାବି କରିଛନ୍ତି।

GOVERNMENT OF ODISHA
Office of the Executive Engineer
N.H. Division, Bhubaneswar Email-eenh_bbsr@yahoo.co.in
Ph No-0674-2972908
INVITATION FOR BIDS
BID IDENTIFICATION NO. 12 SE NH, BBSR of 2024-25
b-34

The Superintending Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Double cover system on online mode for construction of works as detailed in the table below from eligible contractors as mentioned in Col. 7 registered with the State Govt, and Contractors of equivalent Grade or Class registered with Central Government / Other State Government / MES / Railways for execution of Civil Works, on production of definite proof from the appropriate authority.

| Sl No | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of completion. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "S/R to NH-316 (Puri-Satapada Link) such as Laying 30 mm thick BC From Km 0/000 to (2/700(In stretches) for the year 2024-25." | Rs 81,51,319/- (Excluding GST) | NH Sub Division, Puri | Rs.81513/- | Rs.10000/- | "B" Class Contractor | 15 (Fifteen days) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.
1. Bid documents will be available in above website from dt.25.01.2025 to dt.03.02.2025 up to 17.30 Hours. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 11.30 hours on dt.05.02.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above. The authority
3. reserves the right to cancel any/all bids without assigning any reason.

Sd/- Superintending Engineer
N.H. Division, Bhubaneswar
OIPR-34044/11/0003/2425

GOVERNMENT OF ODISIIA
OFFICE OF THE SUPERINTENDING ENGINEER
GANJAM[R&B]DIVISION NO.I BERHAMPUR
Phone/Fax : (0680) 2233683, e-mail: eernb1_bam@yahoo.com
B-865
"e" Procurement Notice
Bid Identification No. S.E R&B Divn.No.I Bam. 25/2024-25 Lr.No 594 dtd. 20.01.2025

Name of work : Electrical work.
No.of work : 1 (One) No
Estimated Cost : Approximately Rs. 49.00 lakh
Period of completion of agreement : Four Calendar months
Date and time of Availability of bid document in the portal : From 10.00 hours of 28.01.2025 to 16.00 hours of 06.02.2025
Last date / time for receipt of bids in the portal : Upto 16.00 hours of 06.02.2025
Name & address of the Officer Inviting Bid : Superintending Engineer, Ganjam (R&B) Division No.I, Berhampur.
*Further details can be seen from the e-Procurement portal https://tendersodisha.gov.in*

Sd/- Superintending Engineer
Ganjam (R&B)Division No.I, Berhampur
OIPR-34109/11/0013/2425

ପୂର୍ବତଟ ରେଳପଥ
File No. DRM/Engg/KUR/24-25/ E-Tender/98, ତା.13.01.2025ରିଖ

(1) Tender Notice No.: e-tenderEastKUR-289-2024, ତା.09.01.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଟମ୍କା (TMKA) ଷ୍ଟେସନ୍‌ରେ ୧ ଗୋଟି ୧୮ ଶଯ୍ୟାବିଶିଷ୍ଟ ରନିଂଗ୍ ରୁମ୍‌ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.76.70 ଲକ୍ଷ
EMD : ଟ.1,53,400/-, କାର୍ଯ୍ୟ ସମାପ୍ତିର ଅବଧି : 3 (ତିନି) ମାସ

(2) Tender Notice No.: etenderEastKUR-288-2024, ତା.09.01.2025ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ହରିଦାସପୁର (HDS) ଷ୍ଟେସନ୍‌ରେ ୧ ଗୋଟି ୧୮ ଶଯ୍ୟାବିଶିଷ୍ଟ ରନିଙ୍ଗ୍ ରୁମ୍‌ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.76.70 ଲକ୍ଷ
EMD : ଟ.1,53,400/-,କାର୍ଯ୍ୟ ସମାପ୍ତିର ଅବଧି : 3 (ତିନି) ମାସ

(3) Tender Notice No.: etenderhqkur-290-2024, ତା.10.01.2025ରିଖ
କାର୍ଯ୍ୟର ନାମ: DEN/HQ/KUR କ୍ଷେତ୍ରାଧିକାର ଅଧୀନସ୍ଥ ଖୋର୍ଦ୍ଧାରୋଡ୍-ରେଡଙ୍ଗ ସେକ୍ସନ ମଧ୍ୟରେ KM. 450/28-453/20 ରୁ କ୍ଷତିଗ୍ରସ୍ତ ଡ୍ରେନ୍‌ର ପ୍ରସ୍ତାବିତ ମରାମତି କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.335.94 ଲକ୍ଷ
EMD : ଟ.3,18,000/-, କାର୍ଯ୍ୟ ସମାପ୍ତିର ଅବଧି : 365 ଦିନ

(4) Tender Notice No.: e-Tender-TMKUR-291-2024, ତା.09.01.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳରେ କାର୍ଯ୍ୟ କରୁଥିବା ଟ୍ରାକ୍ ମେସିନ୍‌ଗୁଡିକର କ୍ୟାମ୍ପିଙ୍ଗ୍ କୋଚ୍‌ଗୁଡିକରେ ଯୋଗାଇ ଦିଆଯାଇଥିବା ସୁବିଧାଗୁଡିକର ପ୍ରସ୍ତାବିତ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.19.21 ଲକ୍ଷ
EMD : ଟ.38,400/-,କାର୍ଯ୍ୟ ସମାପ୍ତିର ଅବଧି : 24 (ଚବିଶ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.31.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଞ୍ଜିନିୟରିଂ)
ଖୋର୍ଦ୍ଧା ରୋଡ୍
PR-903/P/24-25

ଭୁବନେଶ୍ୱର
୨୩ ଜାନୁଆରୀ
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ରସିକେଷ୍ଟୁ...



**ସେ**ଦିନ ସନ୍ଧ୍ୟାରେ ଘରୁ ଗୋଡ କାଢିବା ବେଳେ ତରୁଣୀ କନ୍ୟାକୁ ମା' ଆକଟ କଲେ। କିଲୋ, ମୁହଁ ସଞ୍ଜଟାରେ କୁଆଡେ ବାହାରିଛୁ ? କନ୍ୟାର ରୋକ୍‌ଠୋକ୍ ଉତ୍ତର- ଅଶ୍ୱିନୀ ଭାଇଙ୍କ ଘରକୁ ଯାଉଛି।

ମା' ରାଗରେ ଫାଟି ପଡିଲା- ତୋର ଆଉ କେବେ ବୁଦ୍ଧିଶୁଦ୍ଧି ହେବ ? ବୟସ ଆସି କେତେ ହେଲାଣି ? ପିଲାବେଳେ ଯା' ତା' ସଙ୍ଗେ ଖେଳୁଥିଲୁ ବୁଲୁଥିଲୁ ଠିକ୍ ଥିଲା। ଏବେ ଆଉ ସେଦିନ ଅଛି ? ମୁଁ କହିଦେଉଛି, ନିଜକୁ ସମ୍ଭାଳ, ନହେଲେ ସେ ଟୋକା ନିଶ୍ଚେ ତୋତେ ବିପଦରେ ପକାଇବ।

ମା'ଙ୍କର ଏ ଦୀର୍ଘ ଭାଷଣ ଶୁଣିବା ପରେ କନ୍ୟା ଟିକେ ବି ବିଚଳିତ ନହୋଇ ବରଂ ଦୃଢ ସ୍ୱରରେ ଅଶ୍ୱିନୀ ଭାଇ ସପକ୍ଷରେ ଯୁକ୍ତି ବାଢିଲା- ବୋଉ, କ'ଣଟା ବିପଦରେ ପକେଇବ ସେ ? ବରଂ ତାଙ୍କ ସଙ୍ଗେ ମିଶିବା ପରଠାରୁ ମୋର ଉପକାର ହୋଇଛି। ମା' ଗର୍ଜିଉଠିଲେ -କି ଉପକାର ହୋଇଛି ?

-ଆଗରୁ ପ୍ରତିମାସରେ ମୋ ଦେହ ଖରାପ ହେଉଥିଲା। କିନ୍ତୁ ଯେଉଁଦିନ ଠାରୁ ଅଶ୍ୱିନୀ ଭାଇ ସହ ମିଳାମିଶା ଆରମ୍ଭ କଲି ସେ ଦିନଠାରୁ ଏ ସମସ୍ୟା ମୋର ଆଉ ନାହିଁ। ତୁ ତାଙ୍କୁ ଅଯଥା ଖରାପ ଭାବୁଛୁ। କିନ୍ତୁ ସେ ମୋର କେତେ ଉପକାର କରିଛନ୍ତି ତୁ ଜାଣିନୁ।

### ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ଭାଇରାଲ୍ ଘଟଣା: ସିଂହଦ୍ୱାର ଥାନାରେ ମାମଲା ରୁଜୁ

# ଶ୍ରୀମନ୍ଦିର ଚାରିପଟେ ପୋଷ୍ଟର ଲଗାଇଲା ପୁରୀ ପୁଲିସ୍



**ପୁରୀ,୨୨/୦୧ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଗର୍ଭଗୃହର ଭିଡ଼ିଓ ଭାଇରାଲ୍ ହେବା ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ନାଁ ରେ ସିଂହଦ୍ୱାର ଥାନାରେ ରୁଜୁ ହେଲା ମାମଲା । ତେବେ ପୁଣି ଏକ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡୁଥିବାର କିଛି ପୋଲିସ ଦେଖିଥିଲେ । ଉକ୍ତ ଡ୍ରୋନ୍‌କୁ ପୋଲିସ ଜବତ କରିଛି । ଏହି କାରଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନନେବା ପାଇଁ ଏବଂ ମନ୍ଦିର ଉପରେ ଡ୍ରୋନ୍ ନ ଉଡ଼ାଇବାକୁ ବ୍ୟାପକ ସଚେତନତା କରାଯିବ । ଏହି ନିୟମକୁ ଉଲ୍ଲଂଘନ କଲେ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏନେଇ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି । ସେହିପରି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ପରେ ପୁରୀ ପୁଲିସ୍ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶ୍ରୀମନ୍ଦିର ଚାରିପଟେ ପୋଷ୍ଟର ମାରିଛି ପୁରୀ ପୁଲିସ୍। ଏପରିକି ମନ୍ଦିର ପରିସରରେ ମୋବାଇଲ ଫୋନ୍ ମଧ୍ୟ ନିଷେଧ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଯିବା ନେଇ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ସୂଚନା ମୁତାବକ ଜାନୁଆରୀ ୧୯ ତାରିଖରେ ଶ୍ରୀମନ୍ଦିରର ଗର୍ଭଗୃହର ସମ୍ବେଦନଶୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଦେଖିବାକୁ ମିଳିଥିଲା । ବୃନ୍ଦାବନର ଜଣେ ବ୍ୟକ୍ତି ବାଙ୍କ ବିହାରୀ ଅନନ୍ତ ଇନଷ୍ଟାଗ୍ରାମ ଓ ଫେସବୁକ୍‌ରେ ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ପ୍ରଘଟ କରିଥିଲେ। ଭାଇରାଲ ଭିଡିଓରେ ରତ୍ନ ସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବସ୍ଥାନ ମଧ୍ୟ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଥିଲା। ଯାହାକୁ ନେଇ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିର

# କଣାସରେ ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣାଧିନ : ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୨୨/୦୧**
**ନ୍ୟୁଜ ବ୍ୟୁରୋ**



କଣାସରେ ଝାଡ଼ାବାନ୍ତିରେ ଯାଇଛି ଜଣଙ୍କ ଜୀବନ ଏନେଇ ସ୍ପଷ୍ଟ କଲା ସ୍ୱାସ୍ଥ୍ୟ ବିଭାଗ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କଣାସ ଅଞ୍ଚଳରେ ୭ ରୁ ୮ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ମୋଟ ୪ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଆସିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଡାଇରିଆରେ ମରିଥିବା ସ୍ପଷ୍ଟ ହୋଇଛି। ଅନ୍ୟ ଦୁଇ ଜଣଙ୍କର ରିପୋର୍ଟକୁ ଅପେକ୍ଷା କରାଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ, କଣାସରେ ପ୍ରଥମେ ଏକ ଭୋଜିରୁ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ତା'ପରେ ଆଖପାଖ ୫ଟି ଗାଁକୁ ବ୍ୟାପିଛି। ବର୍ତ୍ତମାନ ସୁଦ୍ଧା ଏହି ଗାଁ ଗୁଡ଼ିକର ୭୧ ଜଣ ସଂକ୍ରମିତ ହୋଇଛନ୍ତି। ଦୟା ନଦୀରୁ ଦୂଷିତ ଜଳ ବ୍ୟବହାର ଯୋଗୁଁ ଡାଇରିଆ ବ୍ୟାପିଥିବା ଜଣାପଡିଛି। ନମୁନା ପରୀକ୍ଷାରୁ ଇ-କୋଲି ବ୍ୟାକ୍ଟେରିଆ ଚିହ୍ନଟ ହୋଇଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଅଛି। ସେହି ଅଞ୍ଚଳରେ ଭୁବନେଶ୍ୱରରୁ ୨ଟି ଟିମ୍ ସହ ସ୍ୱାସ୍ଥ୍ୟ ବିଭାଗର ମୋଟ ୮ଟି ଟିମ୍ ନିୟୋଜିତ ହୋଇଛନ୍ତି । ନଦୀର ସବୁ ଘାଟକୁ ସୁପର କ୍ଲୋରିନେସନ୍ ବା ବିଶୋଧନ କରାଯାଉଛି। ସରକାରଙ୍କ ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଇ ଦିଆଯାଉଛି। ସୂଚନାନୁଯାୟୀ, ଭୁବନେଶ୍ୱରର ବିଭିନ୍ନ ସ୍ୱେରେଜ ୱେଷ୍ଟ ଗଙ୍ଗୁଆ ନାଳ ଦେଇ ଦୟା ନଦୀରେ ମିଶିଯିବାରୁ ଦୟା ସମେତ ତା'ର ସମସ୍ତ ଶାଖାନଦୀ ପ୍ରଦୂଷିତ ହେଉଛି। ଦୟାନଦୀର ପ୍ରଦୂଷିତ ଜଳ ଯୋଗୁ ତଳିଆ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଛି। ଏହାର ପ୍ରଭାବ କେବଳ ମଣିଷମାନଙ୍କ ଉପରେ ପଡୁନି। ନଦୀରେ ଥିବା ମାଛ, ଚୁଙ୍ଗୁଡ଼ି ଉପରେ ମଧ୍ୟ ଅଧିକ ମାତ୍ରାରେ ପଡୁଛି । କୁଇଣ୍ଟାଲ କୁଇଣ୍ଟାଲ ମାଛ ନଦୀରେ ମରି ଭାସୁଛନ୍ତି । ଏ ସମସ୍ୟା ପ୍ରତିବର୍ଷ ଦେଖା ଦେଉଥିବା ବେଳେ ଏହାର ସମାଧାନ ପାଇଁ କେବେ ଟ୍ରିଟମେଣ୍ଟ ପ୍ଲାଣ୍ଟ ତିଆରି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ ଗଡିଶାଗୋଦା, ଗୋପୀନାଥପୁର, କାଦୁଆ ପଞ୍ଚାୟତର ଲୋକମାନେ ଅଧିକ ପ୍ରଭାବିତ ହେଉଥିବା ବେଳେ ଚୁପୁରିଙ୍ଗି, ବଡାଲ, ବଳଭଦ୍ରପୁର, ଗଡ଼ସାହି, କଣାସ, ଦୋକନ୍ଦା, ପାଣ୍ଡିଆକେରା ଆଦି ବିଭିନ୍ନ ପଞ୍ଚାୟତ ମଧ୍ୟ ଅନେକାଂଶରେ ପ୍ରଭାବିତ ହେଉଛି । କେବଳ ସେତିକି ନୁହେଁ ନଦୀକୂଳରେ ଥିବା ପମ୍ପ ହାଉସରୁ ଯୋଗାଣ ହେଉଥିବା ଜଳ ଯୋଗୁ ବିନ୍ଧଣ, ଖଣ୍ଡହତା, ଜାମଲଗୋଦା ଆଳିବାଡ ଆଦି ବିଭିନ୍ନ ପଞ୍ଚାୟତର ଲୋକ ମଧ୍ୟ ସମଦଶା ଭୋଗୁଛନ୍ତି । ଦୟାନଦୀ ପ୍ରଦୂଷଣମୁକ୍ତ ନହେଲେ ଆହୁରି ମୁଣ୍ଡ ଗଡ଼ିବ ବୋଲି ଆଶଙ୍କା କରାଯାଉଛି। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ କଣାସ ଝାଡାବାନ୍ତି ସ୍ଥିତି ଉପରେ ଆମେ ନଜର ରଖିଛୁ । ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କଣାସକୁ ପଠାଯାଇଥିବା ସେ କହିଛନ୍ତି । ସେ ଆହୁରି କହିଛନ୍ତି ପର୍ଯ୍ୟାପ୍ତ ପରିମାଣରେ ଔଷଧ ମହଜୁଦ ରହିଛି । ଲୋକଙ୍କୁ ସଚେତନ କରାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଣାସ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କଡା ନିର୍ଦ୍ଦେଶ ଦିଆଯାଇଛି । ସରକାର ସଜାଗ ଅଛନ୍ତି । ଚିକିତ୍ସା ସେବା ଠିକଭାବରେ ଚାଲିଛି । ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଅଞ୍ଚଳରେ କିପରି ଝାଡାବାନ୍ତି ଅଧିକ ନ'ବ୍ୟାପେ ସେଥିପାଇଁ ଆମେ ପଦକ୍ଷେପ ନେଉଛୁ ଆଉ ସଜାଗ ରହିଛୁ । କଣାସ ଅଞ୍ଚଳରେ ୭-୮ ଦିନ ହେଲାଣି ବ୍ୟାପିଲାଣି ଝାଡାବାନ୍ତି। ମୋଟ୍ ୩ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଆସିଥିଲା । ସେଥିରୁ ଜଣକର ଡାଇରିଆରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର । ଅନ୍ୟ ୨ ଜଣଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ।

## କଣାସ ହଇଜା ଘଟଣାକୁ ନେଇ ନବୀନଙ୍କ ଉଦ୍‌ବେଗ



**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**

କଣାସ ହଇଜା ଘଟଣାକୁ ନେଇ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକରେ ହଇଜା ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ସ୍ଥିତି ନିୟନ୍ତ୍ରଣକୁ ଆସିବା ପରିବର୍ତ୍ତେ ଅଣାୟତ୍ତ ହେଉଛି। ଝାଡ଼ାବାନ୍ତିରେ ଲୋକଙ୍କ ପ୍ରାଣହାନୀ ହେବା ସହ ଧନଜୀବନ ସୁରକ୍ଷା ପ୍ରତି ବିପଦ ଉପୁଜୁଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେ ନିଜ ସୋସିଆଲ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଇ ଏହାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଘରେ ଘରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ଲୋକଙ୍କୁ ସଜାଗ କରାଯାଉ। ପ୍ରତିଟି ଜୀବନ ମୂଲ୍ୟବାନ। ଏହାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସନ୍ତୁ। ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି।



ପୁରୀ : ଆସନ୍ତା ଫେବୃୟାରୀ ୯ ତାରିଖରେ ବାରବାଟୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରି ପୂର୍ବରୁ ସର୍ବପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରିବା ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ପିଆଇବି ଅଧିସ୍ୱୀକୃତି କମିଟିରେ ସୁଧୀର କୁମାର ପଣ୍ଡା



**ନୂଆଦିଲ୍ଲୀ, ୨୨।୦୧**

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରେସ୍ ଇନଫରମେସନ୍ ବ୍ୟୁରୋ (ପିଆଇବି) ଅଧିସ୍ୱୀକୃତି କମିଟି ଗଠନ ହୋଇଛି। ଏହି ସେଣ୍ଟ୍ରାଲ ମିଡ଼ିଆ ଆକ୍ରିଡ଼ିଟେସନ କମିଟି ୨ ବର୍ଷ ପାଇଁ କାର୍ଯ୍ୟ କରିଥାଏ। କମିଟିରେ ଓଡ଼ିଶାର ଦୈନିକ ଖବରକାଗଜ 'ପ୍ରତିଦିନ' ତରଫରୁ ସୁଧୀର କୁମାର ପଣ୍ଡା ସଦସ୍ୟ ହୋଇଛନ୍ତି।

ପିଆଇବି ଆକ୍ରିଡିଟେସନ ପାଇଁ ରାଜଧାନୀ ନୂଆଦିଲ୍ଲୀରେ ଭାରତର ବିଭିନ୍ନ ଖବରକାଗଜ, ସାଟେଲାଇଟ୍ ନ୍ୟୁଜ୍ ଚ୍ୟାନେଲ ଓ ବହୁଳ ପ୍ରସାରିତ ୱେବସାଇଟ୍ ଗୁଡ଼ିକର ସାମ୍ବାଦିକ ଓ ଫଟୋଗ୍ରାଫରଙ୍କ ଦରଖାସ୍ତଗୁଡ଼ିକୁ ତର୍ଜମା କରାଯାଇଥାଏ। ଏହି କମିଟିରେ ଶ୍ରୀ ପଣ୍ଡା ଏକମାତ୍ର ଓଡ଼ିଆ ଭାବେ ସଦସ୍ୟ ମନୋନୀତ ହୋଇଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ଶ୍ରୀ ପଣ୍ଡାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଞ୍ଚଳିକ ମିଡ଼ିଆଗୁଡ଼ିକର ସାମ୍ବାଦିକ ଓ ଫଟୋଗ୍ରାଫରଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ଫେବୃୟାରୀ ୫ରେ ମହାକୁମ୍ଭରେ ସାମିଲ ହୋଇପାରନ୍ତି ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୨/୧**



ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭବ୍ୟ ଦିବ୍ୟ ମହାକୁମ୍ଭ ମେଳା ଜାରି ରହିଛି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ଆସନ୍ତା ଫେବୃୟାରୀ ୫ ତାରିଖରେ କୁମ୍ଭମେଳାରେ ସାମିଲ ହୋଇପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରୟାଗରାଜ ମହାକୁମ୍ଭରେ ବୁଡ ପକାଇପାରନ୍ତି ପ୍ରଧାନମନ୍ତ୍ରୀ । ଏ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି । ଆସନ୍ତା ଫେବୃୟାରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ କୁମ୍ଭମେଳାରେ ସାମିଲ ହେବା ସହ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନାର ସମୀକ୍ଷା କରିପାରନ୍ତି । ଏହା ସହିତ ଏକାଧିକ କାର୍ଯ୍ୟକ୍ରମରେ ସାମିଲ ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ସଙ୍ଗମ କ୍ଷେତ୍ର ଓ ପାଖାପାଖି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉଛି। ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶରେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଫେବୃୟାରୀ ୧ ତାରିଖରେ ସଙ୍ଗମ କ୍ଷେତ୍ରରେ ବୁଡ ପକାଇବାର ସମ୍ଭାବନା ରହିଛି । ଏହା ସହିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃୟାରୀ ୧୦ ତାରିଖରେ ପ୍ରୟାଗରାଜ ଗସ୍ତ କରିବାର ସମ୍ଭାବନା ଅଛି। ରାଷ୍ଟ୍ରପତି ଏହି ଗସ୍ତରେ କିଛି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପ୍ରଶାସନିକ ସ୍ତର ଓ ସୁରକ୍ଷାରେ ବ୍ୟାପକ ବ୍ୟବସ୍ଥା ଆରମ୍ଭ ହୋଇଛି । ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଜାନୁଆରୀ ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ ତଟରେ ସନାତନ ଆସ୍ଥାର ମହାପର୍ବ ମହାକୁମ୍ଭ ମେଳାର ଶୁଭାରମ୍ଭ ହୋଇଛି। ଦିବ୍ୟ ଓ ଆସ୍ଥାର ସଙ୍ଗମରେ ଶ୍ରଦ୍ଧାର ବୁଡ ପକାଉଛନ୍ତି ଶ୍ରଦ୍ଧାଳୁ । ଫେବ୍ରୁୟାରୀ ୨୬ ତାରିଖ ପର୍ଯ୍ୟନ୍ତ କୁମ୍ଭମେଳା ଚାଲିବ । କିଛି ଦିନ ତଳେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତ୍ରିବେଣୀ ସଙ୍ଗମରେ ଶ୍ରଦ୍ଧାର ବୁଡ ପକାଇଥିଲେ ।

## ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**

ପୋଷ୍ଟମର୍ଟମ ରିପୋର୍ଟ ପାଇଁ ୨ ହଜାର ନେଲା ବେଳେ ଡାକ୍ତରଙ୍କୁ ମାଡ଼ିବସିଲା ଭିଜିଲାନ୍ସ। ଅଭିଯୋଗ ଅନୁଯାୟୀ ବଡ଼ମ୍ବା ସିଏଚସି ଡାକ୍ତର ବିଶ୍ୱନାଥ ଅଢ଼େକ ଜଣେ ବ୍ୟକ୍ତିଙ୍କ ମୃତ ପୁଅର ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ କରିବାକୁ ଅଭିଯୋଗକାରୀଙ୍କ ଠାରୁ ୫,୦୦୦ ଟଙ୍କା ମାଗିଥିଲେ। କିଛି ଦିନ ପୂର୍ବରୁ ଅଭିଯୋଗକାରୀ ଡାକ୍ତରଙ୍କୁ ୨,୦୦୦ ଟଙ୍କା ଲାଞ୍ଚ ପ୍ରଦାନ କରିଥିଲେ। ତେବେ ଦ୍ୱିତୀୟ କିସ୍ତିରେ ୨ ହଜାର ଟଙ୍କା ନେଉଥିଲା ବେଳେ ଶ୍ରୀ ଅଢ଼େକ ଭିଜିଲାନ୍ସ ଜାଲରେ ଧରା ପଡ଼ିଥିଲେ। ଧରାପଡ଼ିବା ପରେ ଡାକ୍ତରଙ୍କ ଦୁଇଟି ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ ଜାରି ରଖିଛି।

# ହୀରାକୁଦ ଜଳଭଣ୍ଡାରକୁ ରେକର୍ଡ଼ ସଂଖ୍ୟକ ବିଦେଶୀ ପକ୍ଷୀଙ୍କ ଆଗମନ

**ବୁର୍ଲା ୨୨/୧ ନ୍ୟୁଜ ବ୍ୟୁରୋ**



୫୫୦ ବର୍ଗ କିଲୋମିଟର ପରିମିତ ହୀରାକୁଦ କୃତ୍ରିମ ହ୍ରଦରେ ଚଳିତ ବର୍ଷ ଶୀତ ଋତୁରେ ୧୨୨ ପ୍ରଜାତିର ୩,୭୭,୭୩୨ ପରିବ୍ରାଜକ ବିଦେଶୀ ପକ୍ଷୀ ଆସିଥିବା ଜଣାପଡ଼ିଛି। ଗତ ୧୮ ତାରିଖ ଦିନ ଭୋର ୬ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ସଂଯୋଜନାରେ ସମ୍ବଲପୁର ଓ ଝାରସୁଗୁଡ଼ା ଜଙ୍ଗଲ ଡିଭିଜନ ପକ୍ଷରୁ ଏହି ପକ୍ଷୀ ଗଣନା କରାଯାଇଥିଲା। ଗତବର୍ଷ ତୁଳନାରେ ୩୫, ୩୦୦ ଅଧିକ ପକ୍ଷୀ ଆସିଥିବା ପକ୍ଷୀଗଣନାରୁ ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ୧୧ଟି ପ୍ରଜାତିରେ ନୂଆ ପକ୍ଷୀ ଆସିଛନ୍ତି। ଏଥର ଜଳଭଣ୍ଡାରର ୨୧ଟି ସେକ୍ଟରରେ ପକ୍ଷୀଗଣନା କରାଯାଇଥିଲା। ତନ୍ମଧ୍ୟରୁ ଗୋବିନ୍ଦପୁର, ଝରାପଡ଼ା ଏବଂ ଲାଉଁସରା ଓ ଛତିଶଗଡ଼ ସୀମାକୁ ନେଇ ଗଠିତ ସେକ୍ଟରରେ ସର୍ବାଧିକ ପକ୍ଷୀ ଠାବ କରାଯାଇଛି। ସେହିଭଳି ସର୍ବାଧିକ ପ୍ରଜାତିର ପକ୍ଷୀଙ୍କ ମଧ୍ୟରୁ ଲେସର ହ୍ୱିସିଲିଙ୍ଗ ଡକ୍ ୬୩, ୨୦୨, କମନ କୁଟ ୫୫, ୨୪୭ ଏବଂ ଟଫ୍ ଟେଡ ଡକ୍ ୪୫, ୭୪୭ ପକ୍ଷୀ ବିଭିନ୍ନ ଦେଶରୁ ଆସିଛନ୍ତି। ପକ୍ଷୀଗଣନା ସମୟରେ ଠାବ କରାଯାଇଥିବା ନୂତନ ପରିବ୍ରାଜକ ପକ୍ଷୀମାନଙ୍କ ମଧ୍ୟରେ ୱେଷ୍ଟର୍ଣ୍ଣ ୟେଲୋ ବ୍ୱାଗ ଟେଲ, ପିଣ୍ଟେଲ ସ୍ନାଇପ, ଓରିଏଣ୍ଟାଲ ସ୍କାଇ ଲାର୍କ, ରେଡ଼ ନେକଡ ଫାଲକନ, କ୍ଲାମରସ ରିଡ଼ ୱାର ବ୍ଲର, କେଷ୍ଟେଡ ଲାର୍ଜ, କେଣ୍ଟିସ ପ୍ଲୋଭର, ଗ୍ରିନିସ ୱାର ବ୍ଲର, ପେଲିଟ ହେରିୟର, ରଫ ଓ ଲେଣ୍ଡି ଲେଟେଡ ବ୍ୱାର ବ୍ଲର ପ୍ରଜାତିର ପକ୍ଷୀଙ୍କୁ ଠାବ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ଦେଶ, ସାଇବେରିଆ, ମଧ୍ୟ ପ୍ରାଚ୍ୟ, ମଙ୍ଗୋଲିଆ, କାସ୍ପିଆନ ହ୍ରଦରୁ ହଜାର ହଜାର କିଲୋମିଟର ଆକାଶ ପଥ ଅତିକ୍ରମ କରି ହୀରାକୁଦକୁ ଆସିଥିବା ଅନ୍ୟ ପ୍ରଜାତିର ପକ୍ଷୀମାନେ ହେଲେ ପୋଚାର୍ଡ୍, ଡେଟ, କ୍ରେଷ୍ଟେଡ ଗ୍ରିବ୍, କର୍ମୋରାଣ୍ଟ, ହେରନ୍ସ, ଜାକାନାଶ, ସଡିଲସ, ଲାଭ ବ୍ୱିନ୍ସ, ସେଣ୍ଡ ପାପର, ଗଲଫ ଡକ, ଟର୍ଣ୍ଣ, ପ୍ଲୋଭର୍ସ, ସ୍ତାଇକ୍ସ ପହଞ୍ଚିଛନ୍ତି ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରୁ ହଜାର ହଜାର କିଲୋମିଟର ଆକାଶପଥ ଅତିକ୍ରମ କରି ପରିବ୍ରାଜକ ପକ୍ଷୀମାନେ ଆସିଥିବା ଦୃଷ୍ଟାନ୍ତ ରହିଛି। ହୀରାକୁଦ ବନ୍ୟପ୍ରାଣୀ ଡ଼ିଭିଜନ, ସମ୍ବଲପୁର ଓ ଝାରସୁଗୁଡ଼ା ବନଖଣ୍ଡର ଜିରୋ ପଏଣ୍ଟ, ବାରଖଣ୍ଡିଆ, ଚୌରାଶିମାଳ, ବର ଡୁମା, ଗୋବିନ୍ଦପୁର, ଲାଉଁସରା, ଝରାପଡ଼ା, ରମ୍ପାଲୁଗା, ତିଳିଆ, ଜମାଦାର ପାଲି, ସପ୍ନେ, ପାୱାର ଚେନାଲ, ଅଠରହଜାର କେନାଲ ପ୍ରଭୃତି ସ୍ଥାନରେ ଏହି ପକ୍ଷୀଗଣନା କରାଯାଇଛି ବୋଲି ହୀରାକୁଦ ଡିଏଫଓ ସୂଚନା ଦେଇଛନ୍ତି। ବିଶେଷକରି ହିମାଳୟ ଅଞ୍ଚଳର ଦେଶ ସମୂହ, ୟୁରୋପ ମହାଦେଶ, ଋଷିଆ, ମଙ୍ଗୋଲିଆ, ଚିନ୍ ପ୍ରଭୃତି ଦେଶରୁ ଏହି ପକ୍ଷୀମାନଙ୍କର ଆଗମନ ହୋଇଛି। ସୂଚନା ଯୋଗ୍ୟ ଯେ, ୨୦୨୧ରେ ହୀରାକୁଦ ହ୍ରଦକୁ ଅର୍ନ୍ତଜାତୀୟ ସଂସ୍ଥା ଦ୍ୱାରା ରାମସର ଆର୍ଦ୍ର ଭୂମି ମାନ୍ୟତା ଦିଆଯାଇଥିଲା। ନଦୀବନ୍ଧ କୂଳରେ ଥିବା ଗୋବିନ୍ଦପୁରକୁ ପକ୍ଷୀଗ୍ରାମ ଓ ଡୁଣ୍ଡରୋ କୁସୁମକୁ ସବୁଜ ଗ୍ରାମ କରାଯାଇ ହ୍ରଦ କୂଳକୁ ପକ୍ଷୀମାନଙ୍କ ବିଚରଣ ପାଇଁ ପ୍ଲାଷ୍ଟିକ ମୁକ୍ତ କରାଯାଇଛି। ୨୦୨୪ରେ ହୋଇଥିବା ହୀରାକୁଦର ପକ୍ଷୀଗଣନାରେ ୧୧୨ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୩୯ଟି ପକ୍ଷୀ ଆସିଥିବା ରେକର୍ଡ଼କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଡିଭିଜନ ପକ୍ଷରୁ ହୀରାକୁଦ ଜଳଭଣ୍ଡାର କୂଳ ଗୋବିନ୍ଦପୁର ଗ୍ରାମକୁ ପକ୍ଷୀଗ୍ରାମ ଘୋଷଣା କରାଯାଇଥିବା ବେଳେ ପରିବ୍ରାଜକ ପକ୍ଷୀମାନଙ୍କର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ୨୦୨୨ରେ ୧୦୪ ପ୍ରଜାତିର ୨,୦୮,୬୩୪, ୨୦୨୧ରେ ୯୮ ପ୍ରଜାତିର ୧,୨୪,୮୬୪ ଏବଂ ୨୦୨୦ରେ ୯୩ ପ୍ରଜାତିର ୯୭,୮୯୯ ବିଦେଶୀ ପକ୍ଷୀ ଜଳଭଣ୍ଡାରକୁ ଆସିଥିଲେ।

# କଟକର ବିଭିନ୍ନ ହୋଟେଲ୍‌ରେ ଚଢ଼ଉ : ଖାଦ୍ୟର ମାନ ଏବଂ ଲାଇସେନ୍ସ ନେଇ ଚାଲିଛି ଯାଞ୍ଚ

**କଟକ, ୨୨/୧ ନ୍ୟୁଜ ବ୍ୟୁରୋ**

ଆକ୍ସନ ମୋଡରେ ସିଏମ୍‌ସି ଫୁଡ୍ ସେଫ୍ଟି ଟିମ୍ । କଟକ ମଙ୍ଗଳାବାଗ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ ଉପରେ ଚାଲିଛି ଚଢଉ। କଟକ ମହାନଗର ନିଗମର ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ଏହି ଚଢଉ କରାଯାଉଛି। ଫୁଡ୍ ସେଫ୍ଟି ଟିମ୍ ସହ ପୋଲିସ ସାମିଲ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବୁଧବାର ଦିନ ମଧ୍ୟାହ୍ନ ସମୟରେ କଟକ ମହାନଗର ନିଗମର ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ମଙ୍ଗଳବାଗର ବିଭିନ୍ନ ହୋଟେଲ୍‌ରେ ଚଢଉ ହୋଇଥିଲା। ଏହି ଚଢଉରେ ଖାଦ୍ୟର ମାନ ଓ ଫୁଡ୍ ଲାଇସେନ୍ସ ସଂପର୍କରେ ଯାଞ୍ଚ କରାଯାଇଛି। ଗତ କିଛି ଦିନ ହେଲା ଖାଦ୍ୟର ମାନ ଖରାପ ଥିବାର ଅଭିଯୋଗ ଆସୁଥିଲା। ଯାହାପରେ ଆକ୍ସନକୁ ଆସିଥିଲା ଫୁଡ୍ ସେଫ୍ଟି ଟିମ୍। ଏହି ଚଢଉରେ ଯଦି କୌଣସି ହୋଟେଲ୍ ନିୟମର ଉଲ୍ଲଂଘନ କରୁଥିବାର ନଜର ଆସନ୍ତି ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ସେହିପରି ନିକଟରେ କଟକରେ ବାଲିଯାତ୍ରା ଚାଲୁଥିବା ସମୟରେ ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ବିଭିନ୍ନ ଷ୍ଟଲରେ ଚଢଉ ହୋଇଥିଲା । ଆଉ ଏହି ଚଢଉରେ ଖାଦ୍ୟର ମାନ ଖରାପ ଥିବା ଜଣାପଡିଥିଲା। ଯାହାପରେ କାର୍ଯ୍ୟାନୁଷ୍ଠାନ ନେଇ ସମସ୍ତ ଖାଦ୍ୟକୁ ଫିଙ୍ଗିଥିଲା ଫୁଡ୍ ସେଫ୍ଟି ଟିମ୍। ଏହାସହିତ ସଂପୃକ୍ତ ଦୋକାନୀଙ୍କ ବିରୋଧରେ ମଧ୍ୟ ଜରିମାନାର ନିର୍ଦ୍ଦେଶ ଦିଆଯାଇଥିଲା ।

## ଟ୍ରେନ ଉପରେ ଚଢିଥିଲେ, ବିଦ୍ୟୁତ ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

**ରାୟଗଡା, ୨୨।୧ ନ୍ୟୁଜ ବ୍ୟୁରୋ**

ରାୟଗଡା ରେଳ ଷ୍ଟେସନରେ ଅଭାବନୀୟ ଘଟଣା। ଠିଆ ହୋଇଥିବା ମାଲଗାଡି ଉପରେ ଚଢିଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜିଅନ୍ତା ଜଳିଗଲେ ଜଣେ ବ୍ୟକ୍ତି। ମୃତ ବ୍ୟକ୍ତି ଜଣକ ହେଲେ ନୂଆପଡା ଜିଲ୍ଲା ରାଜଖରିଆର ଥାନା ଅନ୍ତର୍ଗତ ବଡନାଳ ଗାଁର ନରସିଂହ କାଣ୍ଡ। ନୂଆପଡା ଜିଲ୍ଲା ରାଜଖରିଆର ଥାନା ଅନ୍ତର୍ଗତ ବଡନାଳ ଗାଁର ନରସିଂହ ସିକନ୍ଦରବାଦରେ ଦାଦନ ଖଟି ଘରକୁ ଫେରୁଥିଲେ। ରାୟଗଡା ରେଳ ଷ୍ଟେସନରେ ଠିଆ ହୋଇଥିବା ମାଲଗାଡି ଉପରେ ଚଢିଥିଲେ। ଏହି ସମୟରେ ଉଚ୍ଚ କ୍ଷମତା ସମ୍ପନ୍ନ ରେଳଲାଇନ୍ ବିଦ୍ୟୁତ ସଂସ୍ପର୍ଶରେ ଆସି ନରସିଂହ ଜଳିଯାଇଥିଲେ।

## ଚିକିତ୍ସାଧିନ ଅବସ୍ଥାରେ ହାତୀ ଛୁଆର ମୃତ୍ୟୁ

**ବାରଙ୍ଗ, ୨୨।୧**
**ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରାଣ ହରାଇଲା ଉଦ୍ଧାର ହୋଇଥିବା ହାତୀ ଛୁଆ। ହାତୀ ଛୁଆଟି ଚଳିତ ମାସ ୬ ତାରିଖରେ କରଞ୍ଜିଆରୁ ଉଦ୍ଧାର ହୋଇ ଆସିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ହୋଇଛି । ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଚଳିତ ମାସ ୫ ତାରିଖ ବିଳମ୍ବିତ ରାତିରେ କରଞ୍ଜିଆ ବନବିଭାଗ ଏକ ସ୍ୱତନ୍ତ୍ର ଗାଡ଼ିରେ ହାତୀ ଛୁଆଟିକୁ ଆଣିଥିବା ବେଳେ ୬ ତାରିଖରେ ଚିକିତ୍ସା ପାଇଁ କରଞ୍ଜିଆରୁ ନନ୍ଦନକାନନ ଆସିଥିଲା । ହାତୀ ଶାଳର ଏକ ସ୍ୱତନ୍ତ୍ର କୋଠରୀରେ ନନ୍ଦନକାନନ ଓ ଓୟୁଏଟି ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ହାତୀ ଛୁଆଟିକୁ ରଖାଯାଇଥିଲା । ସେଠାରେ ତାର ଚିକିତ୍ସା କରାଯାଉଥିଲା । ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ହୋଇଥିବା ନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି ।

# ୟୁଏସ୍ ରାଷ୍ଟ୍ରପତିଙ୍କୁ ମିଳେ ୩, ୪୫,୮୧, ୪୨୦ ଟଙ୍କା ଦରମା ଓ ୮୪ ଲକ୍ଷ ହାତ ଖର୍ଚ୍ଚ

**ନୂଆଦିଲ୍ଲୀ ୨୨/୦୧**



ଆମେରିକାର ସ୍ୱର୍ଣ୍ଣିମ ଯୁଗ ଆରମ୍ଭ । ପୁଣି ମହାନ ହେବ ଶକ୍ତିଶାଳୀ ରାଷ୍ଟ୍ର। ଆମେରିକାରେ ହେବ ନାହିଁ ଅବୈଧ ପ୍ରବେଶ । କେହି ଆମେରିକାକୁ ବ୍ୟବହାର କରିପାରିବେ ନାହିଁ। ଏଥିସହ ଦକ୍ଷିଣ ସୀମାରେ ଏମର୍ଜେନ୍ସି ଘୋଷଣା । ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଟ୍ରମ୍ପ ଏବେ ଆକ୍ସନ ମୁଡରେ । କହିଛନ୍ତି ଦରବୃଦ୍ଧି ନିୟନ୍ତ୍ରଣ କରିବା ମୋ ଟିମ୍‌ର ପ୍ରାଥମିକତା । ସମସ୍ତଙ୍କୁ ନ୍ୟାୟ ମିଳିବ ଓ ରଙ୍ଗଭେଦ ନୁହେଁ । ପ୍ରତିଭାକୁ ସୁଯୋଗ ମିଳିବ ବୋଲି ଘୋଷଣା କରିଛନ୍ତି ଟ୍ରମ୍ପ । ତେବେ ରାଷ୍ଟ୍ରପତିଙ୍କ ବେତନ ନିର୍ଦ୍ଧାରିତ କରେ ଆମେରିକା କଂଗ୍ରେସ । ସଂଯୁକ୍ତ ରାଷ୍ଟ୍ର ଆମେରିକା ସଂଘୀୟ ସରକାରର ଗୋଟିଏ ଅଂଶ କଂଗ୍ରେସ । ଯାହାକି ସିନେଟ ଓ ପ୍ରତିନିଧି ସଭା ଦୁଇଟି ସଦନକୁ ନେଇ ଗଠିତ । ୨୦୦୧ରେ ରାଷ୍ଟ୍ରପତିଙ୍କ ଦରମା ବଢାଇବା ନିର୍ଣ୍ଣୟ ନେଇଥିଲା କଂଗ୍ରେସ । ସେତେବେଳେ ଆମେରିକା ରାଷ୍ଟ୍ରପତି ଥିଲେ ଜର୍ଜ ଡବ୍ଲ୍ୟୁ ବୁଶ୍ । ୨୦୦୧ ପରେ ରାଷ୍ଟ୍ରପତିଙ୍କ ଦରମା ଥିଲା ୪୦୦,୦୦୦ ଡଲାର୍ । ଭାରତୀୟ କରେନ୍ସି ଅନୁସାରେ ଯାହାର ମୂଲ୍ୟ ହେବ ୩ କୋଟି ୪୫ ଲକ୍ଷ ୮୧ ହଜାର ୪୨୦ ଟଙ୍କା । ଏସବୁ ବାଦ୍ ୟୁଏସ୍ ରାଷ୍ଟ୍ରପତିଙ୍କୁ ୫୦,୦୦୦ ଡଲାର ଖର୍ଚ୍ଚ ଭତ୍ତା ବି ମିଳେ । ୩୧ ୟୁ.ଏସ୍ କୋଡ ସେକ୍ସନ ୧୫୫୨ ଅନୁଯାୟୀ ଯଦି ଭତ୍ତା ଟଙ୍କା ଖର୍ଚ୍ଚ ନହୁଏ ତେବେ ତାହା ସିଧାସଳଖ ଚାଲିଯାଏ ଟ୍ରେଜେରୀକୁ । ଏହି ଖର୍ଚ୍ଚ ଭତ୍ତା ରାଷ୍ଟ୍ରପତିଙ୍କ ଗ୍ରସ୍ ଇନକମ୍‌ରେ କରାଯାଏନି ସାମିଲ । ଏହା ବାଦ୍ ହ୍ୱାଇଟ ହାଉସ୍‌ରେ ଥିବା କାର୍ଯ୍ୟକାରୀ ବାସଭବନରେ ଥିବା ଆସବାବପତ୍ର ସହ ଅନ୍ୟ ଜିନିଷ ବ୍ୟବହାର କରିବାକୁ ବି ଥାଏ ରାଷ୍ଟ୍ରପତିଙ୍କ ଅଧିକାର । ରିପୋର୍ଟ କୁହେ ଯେ, ରାଷ୍ଟ୍ରପତିଙ୍କ ମନୋରଞ୍ଜନ, ଷ୍ଟାଫ୍, ଏବଂ କୁକ୍‌ଙ୍କ ପାଇଁ ବର୍ଷକୁ ଖର୍ଚ୍ଚ ହୁଏ ୧୯,୦୦୦ ଡଲାର । ଯାହାର ମୂଲ୍ୟ ପାଖାପାଖି ୬୦ ଲକ୍ଷ ଟଙ୍କା । ଏସବୁ ବାଦ୍ ହ୍ୱାଇଟ୍ ହାଉସ୍‌ରେ ଏଣ୍ଟ୍ରି ବେଳେ ୧୦,୦୦୦ ଡଲାର ମାନେ ୮୪ ଲକ୍ଷ ଟଙ୍କା ହାତ ଖର୍ଚ୍ଚ ମିଳେ । ରାଷ୍ଟ୍ରପତି ଭାବେ ତାଙ୍କୁ ସୁରକ୍ଷା ପାଇଁ ମିଳେ ବଡ ସୁରକ୍ଷାବାହିନୀ । ଏହି ବାହିନୀ ସମଗ୍ର କାର୍ଯ୍ୟକାଳ ବେଳେ ପରିବାରଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ରହିଥାନ୍ତି । ୟୁଏସ୍ ପ୍ରେସିଡେଣ୍ଟଙ୍କୁ ପରିବହନ, ହୋଟେଲ ସହ ମିଳେ ଅନ୍ୟ ସୁବିଧା ସୁଯୋଗ । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯୋଗାଇ ଦିଆଯାଏ ଲିମୋଜିନ୍ କାର୍, ମରିନ ହେଲିକପ୍ଟର, ଏୟାର ଫୋର୍ସ ୱାନ ନାମକ ଜାହାଜ ବି ମିଳେ । ଯାହାକି ଥାଏ ପୁରା ସୁରକ୍ଷା ବଳୟରେ ।